ଆଜି - ମଙ୍ଗଳବାର
ତାରିଖ - ୨୮ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୧୨
ତିଥି - ଚତୁର୍ଦ୍ଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ପୂର୍ବାଷାଢ଼ା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୪ : ୦୦
ସୂର୍ଯ୍ୟାସ୍ତ - ୬ : ୨୨: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି



"ଗୋଟିଏ ଫୁଲର ଚମତ୍କାରିତାକୁ ଯଦି ଆମେ ସ୍ପଷ୍ଟ ଭାବରେ ଦେଖି ପାରିବୁ, ତା'ହେଲେ ସାରା ଜୀବନ ବଦଳି ଯାଇ ପାରିବ ।"
- ଗୌତମ ବୁଦ୍ଧ



E-News : www.Ajikali epaper.com

Vol.- 41 ISSUE- 105 R.N.I. REGD. No. 44026/86 ବାଲେଶ୍ୱର ୨୮ ଜୁଲାଇ ୨୦୨୬ ମଙ୍ଗଳବାର BALASORE 28 JULY 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ଜନ୍ମବେଦୀରେ ଲୀଳାଖେଳା ସାରି ରତ୍ନବେଦୀକୁ ଫେରିଲେ ଚତୁର୍ଦ୍ଧାମୂରତି

## ରସଗୋଲା ଦେଇ ମା'ଲକ୍ଷ୍ମୀଙ୍କ ମାନଭଞ୍ଜନ କଲେ ମହାପ୍ରଭୁ





ପୁରୀ : ପବିତ୍ର ନୀଳାଦ୍ରିବିଜେ ଅବସରରେ ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଭୋଗ ଖୁଆଇ ମା' ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଛନ୍ତି । ଏହି ଅବସରରେ ସାରା ଓଡ଼ିଶାରେ ଉତ୍ସାହର ସହ ପାଳିତ ହୋଇଛି 'ରସଗୋଲା ଦିବସ' । ପୁରୀ, ପାହାଳ ଏବଂ ସାଲେପୁରଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ମିଠା ଦୋକାନଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ରାଜ୍ୟରେ ଲଗାଣ ବର୍ଷା ଓ ପାଗରେ ପରିବର୍ତ୍ତନ ଯୋଗୁଁ ଘରେ ଘରେ ଥଣ୍ଡା, କାଶ ଓ ଭାଇରାଲ୍ ଜ୍ୱର ସମସ୍ୟା ବୃଦ୍ଧି ପାଇଛି । କଟକ ବଡ଼ ମେଡିକାଲ୍ ଓ ଶିଶୁ ଭବନ ସମେତ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ରୋଗୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ଏହି ସଂକ୍ରମଣରୁ ବର୍ତ୍ତିବା ପାଇଁ ଛୋଟ ପିଲା ଓ ବୃଦ୍ଧବୃଦ୍ଧା ଅଧିକ ସତର୍କ ରହିବାକୁ ଏବଂ ଥଣ୍ଡା ଜିନିଷରୁ ଦୂରେଇ ରହି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । 'ରସଗୋଲା' ଶୁଣିଲା ମାତ୍ରେ ପ୍ରତିଟି ଓଡ଼ିଆଙ୍କ ମନ ମିଠାମିଠା ହୋଇଯାଏ । ଏହା କେବଳ ଏକ ମିଠା ନୁହେଁ, ବରଂ ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ମାନଭଞ୍ଜନର ଏକ ଦିବ୍ୟ ମାଧ୍ୟମ । ପବିତ୍ର ନୀଳାଦ୍ରିବିଜେ ଅବସରରେ ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଭୋଗ ଖୁଆଇ ମା' ମହାଲକ୍ଷ୍ମୀଙ୍କର ସମସ୍ତ ଅଭିମାନ ଓ ମାନଭଞ୍ଜନ କରିଛନ୍ତି । ହେରାପଂଚମୀରେ ନନ୍ଦିଘୋଷ ରଥ ଭଙ୍ଗାଯିବା ପରେ ମା' ଲକ୍ଷ୍ମୀଙ୍କର ଯେଉଁ ରାଗ ସୃଷ୍ଟି ହୋଇଥିଲା, ତାହା ବାହୁଡ଼ା ଯାତ୍ରା ଦିନ ଗଜପତି ମହାରାଜଙ୍କ ମଧ୍ୟସ୍ଥତା ପରେ ମଧ ଶାନ୍ତ ପଡ଼ି ନଥିଲା । ଶେଷରେ କାଳିଆ ଠାକୁର ରସଗୋଲା ଖୁଆଇ ମା'ଙ୍କର ସେହି ଅଭିମାନକୁ ପାଣି ପରି ତରଳାଇ ଦେଇଛନ୍ତି । ଏହି ପରମ୍ପରାକୁ ମନେରଖି କେତେକ ଶ୍ରଦ୍ଧାଳୁ ଦୂରଦୂରାନ୍ତରୁ ଆସି ମାଟି କୁଡୁଆରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ମିଷ୍ଟ ନୈବେଦ୍ୟ ସମର୍ପଣ କରିଛନ୍ତି । ଓଡ଼ିଶାକୁ ରସଗୋଲା ପାଇଁ ଜିଆଇ ଟ୍ୟାଗ୍ ମିଳିସାରିଥିବାବେଳେ, ଏହା ଏକ ଦୃଢ଼ ଦାବି ସାଙ୍ଗକୁ ଓଡ଼ିଆଙ୍କ ଗର୍ବର ପ୍ରସଙ୍ଗ ପାଲଟିଛି । ଏହି ପରିପ୍ରେକ୍ଷୀରେ ନୀଳାଦ୍ରିବିଜେ ଦିବସକୁ ସାରା ରାଜ୍ୟରେ 'ରସଗୋଲା ଦିବସ' ଭାବେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି । ପୁରୀ, ପାହାଳ ଏବଂ ସାଲେପୁରର ପ୍ରସିଦ୍ଧ ମିଠା ଦୋକାନଗୁଡ଼ିକରେ ଲୋକଙ୍କ ନାହିଁ ନଥିବା ଭିଡ଼ ଜମିଥିଲା ଏବଂ ଲୋକେ ପ୍ରିୟଜନଙ୍କ ସହ ରସଗୋଲା ଖାଇ ମୁହଁ ମିଠା କରିଥିଲେ । ପୁରୀ ସେବା ସମିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ରସଗୋଲାର ସମୃଦ୍ଧ ଇତିହାସ, ଏହାର ଅନନ୍ୟ ବିଶେଷତ୍ୱ ଏବଂ ଏହାକୁ ବିଶ୍ୱ ଦରବାରରେ କିପରି ଅଧିକ ପ୍ରସାରିତ କରାଯାଇପାରିବ, ସେନେଇ ସାରଗର୍ଭକ ଆଲୋଚନା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୯ତମ ପାଳି

## ଜିଲ୍ଲାସ୍ତରରେ ୮୯ ପ୍ରତିଶତ ଅଭିଯୋଗର ସମାଧାନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆଜି ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳି । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଂଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୬ଜଣ ବରିଷ୍ଠ ମନ୍ତ୍ରୀ ମଧ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତିଟି ଅଭିଯୋଗର ସ୍ଥିତି ଉପରେ ନିୟମିତ ନଜର ରଖାଯାଉଛି । ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ତଦାରଖ କରାଯାଉଛି । ତେଣୁ, ସମାଧାନର ହାର ବୃଦ୍ଧି ପାଉଛି । ଏହାଦ୍ୱାରା ଏହି ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୮ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୪,୯୪୧ ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି । ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି । ଜିଲ୍ଲାସ୍ତରରେ ଜୁନ୍ ମାସ ଶେଷ ସୁଦ୍ଧା ୨,୫୯,୨୧୩ ଅଭିଯୋଗ ଶୁଣାଣି ହୋଇ ୮୯ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି । ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି । ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି । ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ । ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ପ୍ରାୟ ୧୨ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି ।








# ଫକୀରମୋହନ ବିଶ୍ୱବିଦ୍ୟାଳୟରେ କ୍ୱାଂଟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ବାଲେଶ୍ୱର(ନି.ପ୍ର)ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'କ୍ୱାଂଟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ମୌଳିକ ତତ୍ୱ: ସିଦ୍ଧାନ୍ତ, ଗଣନା ପ୍ରଣାଳୀ ଓ ବ୍ୟବହାରିକ ପ୍ରଶିକ୍ଷଣ' ଶୀର୍ଷକ ପାଂଚଦିନିଆ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସ୍ନାତକୋତର ବିଭାଗ ଏବଂ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୨୭ରୁ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମର ସଂଯୋଜକ ଡ଼କ୍ଟର ବିବେକାନନ୍ଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖା ସମ୍ପର୍କରେ ସୂଚନା ଦେଇଥିଲେ । ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ବୈଜ୍ଞାନିକ ଅଗ୍ରଗତି ସହ ତାଳ ମିଳାଇବା ପାଇଁ ଶିକ୍ଷକ ଓ ଗବେଷକମାନଙ୍କର ନିରନ୍ତର ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ନାତକୋତର



ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଅଂଶଗ୍ରହଣକାରୀମାନଙ୍କୁ ଆଲୋଚନାଚକ୍ର ଓ ବ୍ୟବହାରିକ ପ୍ରଶିକ୍ଷଣରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସର୍ବାଧିକ ଉପକୃତ ହେବାକୁ ଆହ୍ୱାନ କରିଥିଲେ । ସଭାରେ ସଭାପତିତ୍ୱ କରି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, କ୍ୱାଂଟମ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭବିଷ୍ୟତର ଗଣନା ପ୍ରଣାଳୀ, ଯୋଗାଯୋଗ ବ୍ୟବସ୍ଥା, କୃତ୍ରିମ ବୁଦ୍ଧିମତା ଏବଂ ଉନ୍ନତ ଗବେଷଣା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତନ ଆଣିବ । ଓଡ଼ିଶାର ମାନ୍ୟବର କୁଳାଧିପତିଙ୍କ ପରାମର୍ଶକ୍ରମେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଷୟବସ୍ତୁ ଚୟନ କରାଯାଇଥିବାବେଳେ ଶିକ୍ଷକ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ଆଧୁନିକ ବିଜ୍ଞାନର ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହ ପରିଚିତ କରାଇବା ଏହାର ମୂଳ ଉଦ୍ଦେଶ୍ୟ । ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ଅନୁରୂପ ଏଭଳି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭବିଷ୍ୟତର ବୈଜ୍ଞାନିକ ଚ୍ୟାଲେଞ୍ଜ ମୁକାବିଲା କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଗବେଷକ ଏବଂ ସ୍ନାତକୋତର ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ ୪୦ ଜଣ ଅଂଶଗ୍ରହଣ କରୁଛନ୍ତି । ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏବଂ କଳିଙ୍ଗ ଶିଳ୍ପ ପ୍ରଯୁକ୍ତି ପ୍ରତିଷ୍ଠାନର ବିଶିଷ୍ଟ ବୈଜ୍ଞାନିକ ଓ ଅଧ୍ୟାପକମାନେ ବିଶେଷଜ୍ଞ ତଥା ସାଧନ ବ୍ୟକ୍ତି ଭାବେ ଯୋଗଦେଇଛନ୍ତି । ସେମାନଙ୍କ ମଧ୍ୟରେ ପ୍ରଫେସର କାର୍ତିକେଶ୍ୱର ସେନାପତି, ପ୍ରଫେସର ତପନ କୁମାର ମିଶ୍ର, ପ୍ରଫେସର ଅଶୋକ କୁମାର ମହାପାତ୍ର, ଡ଼କ୍ଟର ସୁଶାନ୍ତ କୁମାର ପାଲ, ଡ଼କ୍ଟର ସୁମନ ଚାନ୍ଦ, ଡ଼କ୍ଟର ରାକେଶ ମୋହନ ଦାସ, ଡ଼କ୍ଟର ଆଶିଷ କୁମାର ପତି, ଡ଼କ୍ଟର ସତ୍ୟଜିତ ମୁର୍ମୁ, ପ୍ରଫେସର ହିରଣ୍ମୟ ମିଶ୍ର ଓ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ରହିଛନ୍ତି । ପ୍ରଶିକ୍ଷଣରେ କ୍ୱାଂଟମ ବିଜ୍ଞାନ, କ୍ୱାଂଟମ ପ୍ରଯୁକ୍ତିବିଦ୍ୟା, କ୍ୱାଂଟମ ଆଲୋକ, କ୍ୱାଂଟମ ସଂଯୋଗ, କ୍ୱାଂଟମ ଗଣନା ପ୍ରଣାଳୀ, ଯନ୍ତ୍ର ଶିକ୍ଷଣର ପ୍ରୟୋଗ, କ୍ୱାଂଟମ ପରିପଥ, ଏକକ କଣିକା ଦ୍ୱାର, ପରିମାପ, କ୍ୱାଂଟମ ଅବସ୍ଥାର ଦୃଶ୍ୟାଙ୍କନ ଓ କ୍ୱାଂଟମ ଗଣନାର ଗାଣିତିକ ମୌଳିକତା ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ଓ ବ୍ୟବହାରିକ ପ୍ରଶିକ୍ଷଣ ଦିଆଯିବ ।ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଅରୁଣ କୁମାର ନାୟକ ଉଦଘାଟନୀ ଅଧିବେଶନକୁ ପରିଚାଳନା କରିଥିଲେ ଓସହ-ସଂଯୋଜକ ହିମାଂଶୁ ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉଦୀୟମାନ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଶିକ୍ଷାଦାନର ମାନୋନ୍ନତି, ଉନ୍ନତ ଗବେଷଣାକୁ ପ୍ରୋତ୍ସାହନ ଏବଂ ଶୈକ୍ଷିକ ଦକ୍ଷତା ବୃଦ୍ଧି ଦିଗରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରତିବଦ୍ଧତାର ଏହି କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ପଦକ୍ଷେପ ।

# ନୀଳାଦ୍ରୀ ବିଜେ ଓ ରସଗୋଲା ଦିବସ ଅବସରରେ ଦେବଦୀପ ଫାଉଣ୍ଡେସନ ପକ୍ଷରୁ ରେନକୋଟ୍ ବିତରଣ ଏବଂ ସ୍ୱତନ୍ତ୍ର ଉତ୍ସବ ପାଳିତ

ବାଲେଶ୍ୱର(ନି.ପ୍ର.):ଆଜି ପବିତ୍ର ନୀଳାଦ୍ରୀ ବିଜେ ଏବଂ 'ରସଗୋଲା ଦିବସ' ଅବସରରେ ବାଲେଶ୍ୱରର କୋଟେରୀ ହୋଟା ପରିସରରେ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦେବଦୀପ ଫାଉଣ୍ଡେସନ' ପକ୍ଷରୁ ଏକ ସ୍ୱତନ୍ତ୍ର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସେବା ଓ ଜନକଲ୍ୟାଣର ବାର୍ତାକୁ ଜୀବନ୍ତ ରଖି ଅନୁଷ୍ଠାନ ପକ୍ଷରୁ ବର୍ଷାଋତୁର ପ୍ରତିକୂଳ ପାଗ ଓ ପ୍ରବଳ ବର୍ଷାକୁ ଖାତିର ନକରି ଦିନରାତି ପରିଶ୍ରମ କରୁଥିବା ଆମ ସହରର କର୍ମଠ ମେରୁଦଣ୍ଡ— ଖବରକାଗଜ ହକର, ରିକ୍ସା ଚାଳକ, ଟଲି ରିକ୍ସା ଚାଳକ, କୁଲି, ଫେରିବାଲା ଏବଂ ମୋଟିଆ ଭାଇମାନଙ୍କ ସୁରକ୍ଷା ନିମନ୍ତେ ରେନକୋଟ୍ ବିତରଣ କରାଯାଇଛି । ?ଫାଉଣ୍ଡେସନର ଅ୍ଧ୍ୟକ୍ଷା ଶ୍ରୀମତୀ ରଶ୍ମିରେଖା ନାୟକ ଏବଂ ସଭାପତି ଶ୍ରୀ ଧିରେନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରେମୁଣାର ପୂର୍ବତନ ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ସଂଗଠନର ଏପରି ମହତ୍ କାର୍ଯ୍ୟକୁ ଭୂୟସୀ



ପ୍ରଶଂସା କରିଥିଲେ ।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ପୂର୍ବତନ ନଗରପାଳ ଆଲୋକ ସାହୁ, ପୂର୍ବତନ ଉପ ନଗରପାଳ ରଶ୍ମିରେଖା ଦେବ, ବରିଷ୍ଠ ବିଜେଡି ନେତା ବରୋଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି, ଖବରକାଗଜ ହକର ସଂଘ ସଭାପତି ଅରୁଣ କୁମାର ସ୍ୱାଇଁ, 'ସମାଜ' ବାଲେଶ୍ୱର ସଂସ୍କରଣ ମୁଖ୍ୟ ସତ୍ୟବ୍ରତ ଜେନା, ପୂର୍ବତନ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟ ରଂଜନ ଦାସ, ଆଇନଜୀବୀ ସୁଧାଂଶୁ ଶେଖର ଦାସ ଏବଂ ପୂର୍ବତନ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବିଭୁଦତ ପରିଡ଼ା ପ୍ରମୁଖ ଯୋଗଦେଇ ନିଜ ହାତରେ ହିତାଧିକାରୀମାନଙ୍କୁ ରେନକୋଟ୍ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ୧୦୦୦ରୁ ଅଧିକ ଲୋକଙ୍କୁ ରେନକୋଟ୍ ବଂଟନ କରାଯାଇଥିବା ବେଳେ ବର୍ଷା ଋତୁ ଶେଷ ହେବା ପର୍ଯ୍ୟନ୍ତ ଏହି ସେବା କାର୍ଯ୍ୟ ଜାରି ରହିବ ବୋଲି ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ, ଆଜିର ପବିତ୍ର ନୀଳାଦ୍ରୀ ବିଜେ ଓ ବିଶ୍ୱପ୍ରସିଦ୍ଧ 'ରସଗୋଲା ଦିବସ'କୁ ମ୍ଭ ଅତି ଆନନ୍ଦ ଓ ଉଲ୍ଲାସର ସହିତ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଛି । ଉପସ୍ଥିତ ଅତିଥି ଓ ସାଧାରଣ ଜନତାଙ୍କୁ ରସଗୋଲା ବଂଟନ କରାଯାଇ ମୁହଁ ମିଠା କରାଯାଇଥିଲା । ଏଭଳି ଜନକଲ୍ୟାଣକାରୀ ଓ ସାଂସ୍କୃତିକ କାର୍ଯ୍ୟକୁ ଆଗକୁ ବଢ଼ାଇବା ପାଇଁ ସହରବାସୀଙ୍କ ସହଯୋଗ ଓ ଶୁଭକାମନା ଲୋଡିଛନ୍ତି ଫାଉଣ୍ଡେସନର ସଭାପତି ଶ୍ରୀ ଧିରେନ ନାୟକ ।

# କାଲାମ ଙ୍କ ଆଦର୍ଶ ରେ ଯୁବ ସମାଜ ଅନୁପ୍ରାଣିତ ହେଉ :ଉପମୁଖ୍ୟ ସଚେତକ

ବାଲେଶ୍ୱର(ନି.ପ୍ର.)ଯୁବ ସମାଜ ହେଉଛନ୍ତି ଦେଶର ଭବିଷ୍ୟତ । ଦେଶର ସମୃଦ୍ଧି ଓ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସରକାରୀ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମତବ୍ୟକ୍ତ କରିଛନ୍ତି । ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଡ.ଏପିଜେ ଅବଦୁଲ କାଲାମ ଙ୍କ ଶ୍ରାଦ୍ଧ ଦିବସ ରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶ୍ରୀ ଦାସ କହିଲେ ଯେ, ଡ. କାଲାମ ତାଙ୍କର ଅଭିଭାଷଣ ରେ ଯୁବ ସମାଜକୁ ସ୍ୱପ୍ନ ଦେଖିବାକୁ କହୁଥିଲେ । ଏହି ସ୍ୱପ୍ନ ଯେଭଳି ଦିବା ସ୍ୱପ୍ନ ରେ ପରିଣତ ନ ହୁଏ ତାହା ଚିନ୍ତା କରିବାକୁ ପଡିବ ।




କାଲାମ ଙ୍କ ସେହି ସ୍ୱପ୍ନ ଥିଲା ଦେଶ ମାତୃକା ସେବାରେ ନିଜକୁ ନିୟୋଜିତ କରିବା । ବାଲେଶ୍ୱର ର ପବିତ୍ର ମାଟି ଥିଲା ତାଙ୍କ କର୍ମକ୍ଷେତ୍ର । ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ସେ ପ୍ରଥମେ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ କରି ସମଗ୍ର ବିଶ୍ୱରେ ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ର ମାନ୍ୟତା ଆଣିଥିଲେ । ଯିଏ ଯେଉଁ କ୍ଷେତ୍ରରେ ଥାଉନା କାହିଁକି ଆଗାମୀ ବଂଶଧର ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବିକାଶ, ପ୍ରତିରକ୍ଷା, ଏକତା, ଅଖଣ୍ଡତା, ପ୍ରଗତି ,ଭାଇଚାରା ମାଧ୍ୟମରେ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ଯୁବ ସମାଜ ପ୍ରତିଜ୍ଞା ବଦ୍ଧ ହୋଇ ନିଜର ଦାୟିତ୍ୱ ଓ କର୍ତବ୍ୟ କରିବା ଉଚିତ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନ କି ବାତ କାର୍ଯ୍ୟକ୍ରମ ରେ ଏହା ପ୍ରତିଫଳିତ ହୋଇ ଥିଲା ବୋଲି ସେ ସ୍ମରଣ କରାଇ ଦେଇଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରଯାଇଥିବା ଏହି କାର୍ଯ୍ୟକ୍ରମ ରେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ପ୍ରସନ୍ନଜିତ ଆଶ,ଲୋକନାଥ ପିରୀ,ମଧୁସୂଦନ ଦାସ,ଆଜିମ ବାଲେଶ୍ୱରୀ କାଲାମ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଅଭିଭାଷଣ ପ୍ରଦାନ କରିଥିଲେ ।ବରିଷ୍ଠ ଆଇନ ଜିବୀ ଭୁବନାନନ୍ଦ ଦାସ, ସମାଜ ସେବୀ ଶତ୍ରୁଘ୍ନ ମଲ୍ଲିକ, ରୋଟାରିଆନ ଯଶୋଦା ନନ୍ଦନ ଆଶ ,ରାମନାରାୟଣ ଶତପଥି, ଶିଶିର କୁମାର ଦାସ, ଅନାମ ଚରଣ ପଣ୍ଡା,ବିବେକା ନନ୍ଦ ଦାସ , ଲକ୍ଷ୍ମୀଧର ଗାଣ, କହ୍ନେଇ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ ।ହାଇଦର ଖାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଜିତ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ ।

# ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ନେଇ 'ଭିଜନ ବାଲେଶ୍ୱର' ସଂଗଠନ ପକ୍ଷରୁ ଅନୁଷ୍ଠିତ ହେଲା ଚିତ୍ରାଙ୍କନ ପ୍ରତିଯୋଗିତା

ବାଲେଶ୍ୱର(ନି.ପ୍ର.) : ଜଗନ୍ନାଥ ସଂସ୍କୃତି ଓ ପରମ୍ପରା କୁ ଉଜ୍ଜୀବିତ ରଖିବା ଏବଂ ଛାତ୍ର ଛାତ୍ରୀଙ୍କ ମନରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟ ନେଇ ବାଲେଶ୍ୱରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଭିଜନ ବାଲେଶ୍ୱର' ପକ୍ଷରୁ ସହରର ମଲ୍ଲୀକାଶପୁର ସ୍ଥିତ ଶାନ୍ତିକାନନ ପରିସରରେ ବ୍ଲକ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୦୦ରୁ ଉର୍ଦ୍ଧ ପ୍ରତିଯୋଗୀ ଶ୍ରୀ ଜଗନ୍ନାଥ ଙ୍କର ୩୨ ବେଶ ଓ ରଥଯାତ୍ରା ରେ ମହାପ୍ରଭୁ ବିଷୟକୁ ନେଇ ଚିତ୍ରାଙ୍କନ କରିଥିଲେ । ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ସଂଗଠନର ସଭାପତି ଚନ୍ଦ୍ରକାନ୍ତି ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ସୁନିତା ବେହେରା ଯୋଗଦେଇ ଛାତ୍ର



ଛାତ୍ରୀ ମାନଙ୍କୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେବା ସହିତ ବାପା ଓ ମାଆଙ୍କ ପ୍ରତି ସର୍ବଦା ଆଦର ସମ୍ମାନ ପ୍ରଦର୍ଶନ କରିବାକୁ କହିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ମହାବୀର ଆଖଡ଼ା ସଂଘ ସଭାପତି ଗୋପୀନାଥ ଶତପଥି, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ପ୍ରତିମା ପଣ୍ଡା, ବାଲେଶ୍ୱର ଓକିଲ ସଂଘର ପୂର୍ବତନ ସଭାପତି କେଶବ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ କୋଟି ଓଡ଼ିଆଙ୍କ ମଉଡମଣୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କରେ ବହୁମୁଲ୍ୟ କଥା କହିବା ସହିତ ସଂଗଠନର ସୁନ୍ଦର ଚିନ୍ତାଧାରା ପାଇଁ ସାଧୁବାଦ ଜ୍ଞାପନ କରିଥିଲେ କ୍ଷ ସଂଗଠନର ଆଇନ ପରାମର୍ଶ ଦାତା ବିଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମ୍ପାଦକ ଧୀରେଜ କୁମାର ଦାସ ଧନ୍ୟବାଦ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ । ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ବିଦ୍ୟା ଆମ୍ରାଲିପି ମଲ୍ଲିକ ପ୍ରଥମ , ଝଗଡ଼ ପାଡ଼ୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାହେଶ୍ୱରୀ ଗନ୍ତାୟତ ଦ୍ୱିତୀୟ , ବୈଦ୍ୟନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଦିପ୍ତୀରେଖା ରଣା ତୃତୀୟ, ସେହିପରି ବରିଷ୍ଠ ବର୍ଗରେ ଶକୁନ୍ତଳା ଉଚ୍ଚ ବିଦ୍ୟାଳୟର ଛାତ୍ର ପଙ୍କଜ ବେହେରା ପ୍ରଥମ ,ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ସତ୍ୟଜିତ ମହାରଣା ଦ୍ୱିତୀୟ ,ବାସନ୍ତୀ ସିନ୍ଧିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କୁମାରୀ ସୋନାଲି ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେମାନଙ୍କୁ ସଂଗଠନ ପକ୍ଷରୁ ଯୋଗ୍ୟତା ପ୍ରମାଣପତ୍ର ଓ ଟ୍ରଫି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତି, କୁନାଲ ବେହେରା, ବିରଂଚି କୁମାର ପ୍ରଧାନ,ଅଜୟ ନାୟକ , ପ୍ରମୋଦ ସାହୁ,ହର୍ଷ ଖଣ୍ଡେଲୱାଲ ପ୍ରମୁଖ ସହଯୋଗ କରିଥିଲେ କ୍ଷ ଏହି ଅବସରରେ ଯଶରାଜ ଜେନା, ଦିଶା ଅପର୍ଣ୍ଣା,ରାଶି ହଲଦାର, ଏସ.କେ ଆରିଫଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାରେ ବିଚାରକ ଭାବେ କଳା ଶିକ୍ଷକ ବିଭୁତି ପ୍ରସାଦ ଦାସ ଓ ଦୀପକ ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିଲେ ।

# ଲଘୁଚାପ ବର୍ଷାରେ ବାଲେଶ୍ୱର ସହର ଜଳମଗ୍ନ, ୬ ଦିନରେ ୧୯୪୦ ମି.ମି. ବୃଷ୍ଟି

ବାଲେଶ୍ୱର(ନି.ପ୍ର.) ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉତର ଓଡ଼ିଶାରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି । ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲା ପାଇଁ ସତର୍କତା ଜାରି ହୋଇଥିବା ବେଳେ ବାଲେଶ୍ୱର ସହରରେ ମାତ୍ର କିଛି ଘଂଟାର ବର୍ଷାରେ ବିଭିନ୍ନ ଅଂଚଳ ଜଳମଗ୍ନ ହୋଇପଡ଼ିଛି । ବର୍ଷ ବର୍ଷ ଧରି ଚାଲିଆସୁଥିବା ଡ୍ରେନେଜ୍ ସମସ୍ୟା ପୁଣିଥରେ ସାମ୍ନାକୁ ଆସିଛି । ଗତକାଲି ରାତିରୁ ଆରମ୍ଭ ହୋଇଥିବା ବର୍ଷା ପରେ ସକାଳୁ ସକାଳୁ ବାଲେଶ୍ୱର ସହରର ବିଭିନ୍ନ ନିମ୍ନାଂଚଳ ଜଳମଗ୍ନ ହୋଇପଡ଼ିଛି । ବାଲିଆ ସିଟି କ୍ଲିନିକ୍ ଛକ, ଚିଡ଼ିଆପୋଲ, ଅଜିମାବାଦ, କଂଗ୍ରେସ ଗଳି ସମେତ ଅନେକ ଅଂଚଳରେ ରାସ୍ତା ଉପରେ ପାଣି ଜମି ଯାତାୟାତ ବ୍ୟାହତ ହୋଇଛି । ବାଲେଶ୍ୱର ବସ୍ ?ଷ୍ଟାଣ୍ଡରୁ ରେମୁଣା ଗୋଲାଇ ମୁଖ୍ୟ ରାସ୍ତାର ବାଲିଆ ସିଟି କ୍ଲିନିକ୍ ଛକରେ ମଧ୍ୟ ପାଣି ଜମିବା ଆରମ୍ଭ ହୋଇଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ, ପ୍ରତିବର୍ଷ



ଦୁଇରୁ ତିନିଥର ଏଭଳି ପରିସ୍ଥିତି ଦେଖାଦେଉଛି । ମାତ୍ର ଦୁଇରୁ ତିନି ଘଂଟା ବର୍ଷା ହେଲେ ନାଳ ଉପଚି ପାଣି ଘର ଭିତରକୁ ପଶିବା ଆରମ୍ଭ କରୁଛି । ଫଳରେ ଲୋକେ ବର୍ଷା ହେଲେ ଆତଙ୍କିତ ହୋଇପଡୁଛନ୍ତି ।ସ୍ଥାନୀୟମାନଙ୍କ କହିବା ଅନୁଯାୟୀ, ପ୍ରାୟ ୩୦ ବର୍ଷ ଧରି ଏହି ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ । ଗତବର୍ଷ ମଧ୍ୟ ସମାନ ଭାବେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରତିଥର କେବଳ ଡ୍ରେନ୍ ଭଙ୍ଗା, ମାପଚୁପ ଓ ମରାମତିର କଥା ହେଉଛି, କିନ୍ତୁ ସ୍ଥାୟୀ ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ମୁଖ୍ୟ ରାସ୍ତାରେ ପାଣି ଜମିଲେ ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ଦେଉଥିବା ବେଳେ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି । ଆଗାମୀ କିଛି ଦିନ ଲଘୁଚାପ ଜନିତ ବର୍ଷା ଜାରି ରହିବାର ସମ୍ଭାବନା ଥିବାରୁ ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି । ସ୍ଥାନୀୟ ବାସିନ୍ଦା ଶୀଘ୍ର ଏକ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲାରେ ଗତ ୨୨ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ମୋଟ ୧୨ଟି ବ୍ଲକରେ ୧୯୪୦ ମି.ମି. ବୃଷ୍ଟିପାତ ଆକଳନ କରାଯାଇଛି । ଖବରରୁ ପ୍ରକାଶଯେ, ୨୨ ତାରିଖରେ ୪୦୦ମି.ମି., ୨୩ ତାରିଖରେ ୨୦୪ ମି.ମି., ୨୪ ତାରିଖରେ ୫୧୭ମି.ମି., ୨୫ ତାରିଖରେ ୬୦ମି.ମି., ୨୬ ତାରିଖରେ ୪୦୫ ମି.ମି, ୨୭ ତାରିଖରେ ୩୫୪ ମି.ମି. ବୃଷ୍ଟିପାତ ଆକଳନ କରାଯାଇଥିବା ବେଳେ ଏବେ ଜିଲ୍ଲାର ୩ ଟି ନଦୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକ ଜଳସ୍ରୋତ ଫୁଲିବାରେ ଆକଳନ କରାଯାଇଛି ।

# ଖଇରାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି

ବାଲେଶ୍ୱର(ନି.ପ୍ର.): ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଲୋକଙ୍କ ପାଖରେ ପହଂଚିଲା ।ସୋମବାର ପୂର୍ବାହ୍ନ ୧୦ଟାରେ ବାଲେଶ୍ୱର ଜିଲ୍ଲା ଖଇରା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି ।ଖଇରା ବ୍ଲକ ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ମୋଟ ୧୦୯ ଜଣ ଅଭିଯୋଗକାରୀ ସେମାନଙ୍କ ସମସ୍ୟା ନେଇ ହାଜର ହୋଇଥିଲେ । ସେଥିମଧ୍ୟରୁ ୯୬ଟି ବ୍ୟକ୍ତିଗତ ଅଭିଯୋଗ, ୬ଟି ସାମୁହିକ ଅଭିଯୋଗ ଏବଂ ୭ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ ଥିଲା ।ପ୍ରଶାସନ ପକ୍ଷରୁ ଶୁଣାଣି ସ୍ଥଳରେ ହିଁ ୧୩ଟି ଅଭିଯୋଗର



ତତ୍କାଳ ସମାଧାନ କରାଯାଇଛି । ଅବଶିଷ୍ଟ ଅଭିଯୋଗୁଡ଼ିକୁ ଯଥାଶୀଘ୍ର ନିଷ୍ପତି ପାଇଁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ମିଳିତ ଭାବେ ଅଭିଯୋଗ ଶୁଣିଥିଲେ ।ଏଥିସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଉପଜିଲ୍ଲାପାଳ ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର ଜେନା, ଖଇରା ବିଡିଓ ନାରାୟଣ ସାହୁ ଏବଂ ତହସିଲଦାର ଅନୁପ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜନଶୁଣାଣି ମାଧ୍ୟମରେ ରାଜସ୍ୱ, ସ୍ୱାସ୍ଥ୍ୟ, ପୁଲିସ ଓ ବିଭିନ୍ନ ଯୋଜନା ସମ୍ପର୍କିତ ଅଭିଯୋଗ ଗ୍ରହଣ କରାଯାଇଥିଲା । ପ୍ରତ୍ୟେକ ଅଭିଯୋଗକାରୀଙ୍କ କଥା ଧୈର୍ଯ୍ୟର ସହ ଶୁଣି ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ବାଲେଶ୍ୱର ନଗର ଯୁବମୋର୍ଚ୍ଚା ତରଫରୁ କାରଗିଲ ବିଜୟ ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.)୧୯୯୯ ମସିହା ଜୁଲାଇ ୨୬ ତାରିଖରେ କାର୍ଗିଲ ଉପରେ ଭାରତୀୟ ସେନା ନିଜର କର୍ତୃତ ପୁନ୍ୟ ଜାହିର କରିଥିଲେ । ଦୀର୍ଘ ୨୨ ବର୍ଷ ତଳେ ଭାରତୀୟ ଯବାନମାନେ ପାକିସ୍ତାନର ସେନା ବାହିନୀର ଅନୁପ୍ରବେଶକୁ ରୋକିବା ପାଇଁ କାର୍ଗିଲ ସମେତ ଦ୍ରାସ୍ , ଟାଇଗର ହିଲ୍ ଭଳି ବିଭିନ୍ନ ସାମରିକ ଘାଟି ଗୁଡ଼ିକୁ ପାକିସ୍ତାନ ଯବାନଙ୍କ କବଳରୁ ମୁକ୍ତ କରିଥିଲେ । ଦୀର୍ଘ ଦେଢ଼ ମାସର ସଂଘର୍ଷ ପରେ ଭାରତୀୟ ସେନା ବାହିନୀ ଏହି ସବୁ ସାମରିକ ଘାଟି ଗୁଡ଼ିକୁ ପୂର୍ଣ୍ଣ ଅକ୍ତିଆର କରିଥିଲା । ଏହି ବିଜୟ ଦିବସକୁ ସ୍ମରଣ କରି ୨୬ ତାରିଖ ରବିବାର ସଂଧ୍ୟାରେ ମହମବତୀ ଜଳାଇ ବୀରଗତି ପ୍ରାପ୍ତ ହୋଇଥିବା ସହୀଦ ଯବାନ ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଏବଂ ବାଲେଶ୍ୱର ନଗର ବିଜେପି ତରଫରୁ ଏକ କ୍ୟାଣ୍ଡେଲ ଯାତ୍ରା ଆୟୋଜନ



କରାଯାଇଥିଲା, ଉକ୍ତ କାର୍ଯ୍ୟକ୍ରମ ଝାଡ଼େଶ୍ୱର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଅଧକ୍ଷୟତକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏଥିରେ ଝାଡ଼େଶ୍ୱର ମଣ୍ଡଳର ସଭାପତି ସୁଧାଂଶୁ ଶେଖର ପଣ୍ଡା, ଏବଂ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଦାଶ, ରାଜେନ୍ଦ୍ର ଚାଟାର୍ଜି ଉପସ୍ଥିତ ଥିଲେ, ବରିଷ୍ଠ ନେତୃତ୍ୱ ତଥା ଲୋକନାଥ ଭୂୟାଁ, ରଞ୍ଜନ ଦାସ, ମନୋରଞ୍ଜନ ନନ୍ଦୀ, ବାବୁଲି ଧଳ, ଦେବାଶିଷ ସିଂ, ସନ୍ତୋଷ ଦେ, ସନ୍ତୋଷ ସେଠି, ଉପେନ୍ଦ୍ର ସାଥପଥି, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ଶୁଭମ ପରିଡା, ଶକ୍ତି ଶଙ୍କର ପାଣିଗ୍ରାହୀ, ଅଭିଷେକ ପଣ୍ଡା, ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ ଏହି କାର୍ଯ୍ୟକ୍ରମ କ୍ରମକୁ ଝାଡ଼େଶ୍ୱର ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ସୌରଭ ଚୌଧୁରୀ, ଜ୍ୟୋତିରଞ୍ଜନ ବ୍ରହ୍ମକ୍ଷ,ବିକାଶ ବେହେରା, ଜଗନ୍ନାଥ ହେମ୍ବ୍ରମ, ପ୍ରକାଶ ମହାନ୍ତି, ରାଜେନ୍ଦ୍ର ନାଥ, ଆଶୁତୋଷ ସାହା, ମନୀଷ ସାହା, ଶୁଭ୍ରାଂଶୁ ଶେଖର, ବବଲୁ ଦାସ, ସହଯୋଗ କରିଥିଲେ ଏଥିସହିତ ଦିବଂଗତ ସହିଦ ପତ୍ନୀ ସୁମିତ୍ରା ପରିଡା ମହିଳା ମଣ୍ଡଳ ସଭାପତି ସସ୍ମିତା ଦାଶ, ପଦ୍ମିନୀ ଅଧିକାରୀ, ଦିବ୍ୟାଭାରତୀ ଜେନା ଉପସ୍ଥିତ ରହି ସହିଦ ମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।



# ପଦ୍ମଶ୍ରୀ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ




କଟକ(ନିପ୍ର): ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ, ପଟଣା,୪୨ ମୌଜା ତରଫରୁ ପଦ୍ମଶ୍ରୀ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ନିଜ ଜନ୍ମମାଟି ପଟଣାରେ ପାଳିତ ହୋଇ ଯାଇଛି । ଏଥିରେ ଓଡ଼ିଶା ର ବହୁ ବିଶିଷ୍ଟ ବିଦ୍ୱାନ, ସାହିତ୍ୟିକ, କବି, ପ୍ରଶାସକ ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ସାହିତ୍ୟିକ ଗୋପୀନାଥ ମହାନ୍ତି, କାହ୍ନୁ ଚରଣ ମହାନ୍ତି ଓ ମନୋରଞ୍ଜନ ଦାସଙ୍କ ତୈଳ ଚିତ୍ର ଉନ୍ମୋଚନ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନସ୍ଥିତ ଦୟାନିଧି ସାରସ୍ୱତ ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଡକ୍ଟର ନିରୋଦ କୁମାର ମନ୍ତ୍ରୀ ବିଭାଗୀୟ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ନୀଳମାଧବ ମହାବିଦ୍ୟାଳୟ, କଂଟିଲୋ, ନୟାଗଡ,ମୁଖ୍ୟ ବକ୍ତା ଡକ୍ଟର ଦେବହୂତି ପଟ୍ଟନାୟକ ସହକାରୀ ଅଧ୍ୟାପିକା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ସମ୍ମାନୀୟ ଅତିଥି ଡକ୍ଟର ବନପ୍ରଭା ପରିଡ଼ା ଅଧକ୍ଷା ଏନ୍ ବି ଏସ୍ ଝିମାଣି, ପାରାଦୀପ ସ୍ୱତନ୍ତ୍ର ଅତିଥି ଡକ୍ଟର ସୁରଞ୍ଜନ ଲେଙ୍କା ବିଭାଗୀୟ ମୁଖ୍ୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ତିର୍ତ୍ତୋଲ ମହାବିଦ୍ୟାଳୟ, ଜଗତସିଂହପୁର ସମ୍ମାନୀୟ ଅତିଥି ଶିକତା ଦାସ ସର୍ବ ଭାରତୀୟ ଓଡିଶୀ ନୃତ୍ୟଶିଳ୍ପୀ । ଶ୍ରୀଯୁକ୍ତ ଅନିଲ ଦାସ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଭଏସ ଅଫ ମିଡ଼ିଆ ସଭପତି କଟକର ଉପସ୍ଥିତ କାର୍ଯ୍ୟକ୍ରମକୁ ଆଗେଇ ନେଇ ଯାଇ ଯିବାବେଳେ ମିର୍ଜା ସରାଫତ୍ ହୁସେନ୍ ବେଗ୍, ଧନ୍ୟବାଦ ଅର୍ପଣ କରିଥିଲେ । ସରୋଜ ନଳିନୀ ପରିଡ଼ା ସଭାପତି ନାରାୟଣ ଚନ୍ଦ୍ର ମହାନ୍ତି ସମ୍ପାଦକ । ସବୁଜିମା ପତ୍ରିକା ଲୋକାର୍ପଣ ଉପସ୍ଥିତ ଅତିଥି ମାନଙ୍କ କର କମଳରେ ଶୁଭ ଉନ୍ମୋଚନ ହୋଇଯାଇଛି ।

# କର୍କଟ ପୀଡିତାଙ୍କୁ ସହଯୋଗର ହାତ ବଢ଼ାଇଲା ବାମକାଳୀ ସଂଘ

ଖଇରା(ନିପ୍ର)ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଂଟା ଗ୍ରାମ ପଂଚାୟତ ରାଇକୁଳା ଗ୍ରାମର କର୍କଟ ପୀଡିତା କମଳିନୀ ମାଝୀଙ୍କ ର ଆର୍ଥିକ ଦୁରବସ୍ଥା କାରଣରୁ ସେ ଚିକିତ୍ସା ରୁ ବଂଚିତ ରହିବା ସହ କୁଡ଼ିଆ ଭିତରେ ଯନ୍ତ୍ରଣା ରେ ଛଟପଟ ହେଉଛନ୍ତି । ଏମିତି ସମୟ ରେ ଦେବଦୁତ ସାଜି ସାହାଯ୍ୟ ର ହାତ ବଢ଼ାଇଛନ୍ତି କାକୁଡିଆ ଗ୍ରାମର ମା ବାମକାଳୀ ଯୁବକ ସଂଘ ର ସଦସ୍ୟ ଗଣ । ଶନିବାର ସଂଘ ର ପ୍ରତିଷ୍ଠାତା ତୃପ୍ତିକାନ୍ତ ନାୟକ, ସଭାପତି ସ୍ୱପ୍ନେଶ୍ୱର ଲେଙ୍କା, ଉପଦେଷ୍ଟା ଦିବାକର ନାୟକ ପ୍ରମୁଖଙ୍କ ନେତୃତ୍ୱ ରେ ସଦସ୍ୟ ମାନେ ରାଇକୁଳା ଗ୍ରାମରେ ପହଂଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଉକ୍ତ ମହତ କାର୍ଯ୍ୟରେ ଉପସଭାପତି ଜନ୍ମେଜୟ ନାୟକ, କୋଷାଧକ୍ଷ ଶିଶିର ନାୟକ, ରାଜେଶ ନାୟକ, ଦର୍ଶନ ବେହେରା, ରମାକାନ୍ତ ମହାନ୍ତି, ତ୍ରିଲୋଚନ ଲେଙ୍କା, କାଳିଆ ଖିଲାର, ସୁଦର୍ଶନ ଲେଙ୍କା ପ୍ରମୁଖ ସାମିଲ ଥିଲେ । ସଂଗଠନର ଏପରି କାର୍ଯ୍ୟକୁ ଗ୍ରାମବାସୀ, ବୁଦ୍ଧିଜୀବୀ ମହଲରେ ଭୁରି ଭୁରି ପ୍ରଶଂସା କରାଯାଇଛି ।

# ଫୁଲୁଛି ସୁବର୍ଣ୍ଣରେଖା : ବନ୍ୟା ଆଶଙ୍କାରେ ତଳିଆ ଅଂଚଳ



ବାଲିଆପାଳ(ନିପ୍ର)ଦୀର୍ଘ ଦିନ ଧରି ସୁବର୍ଣରେଖା ନଦୀ ସଂପୂର୍ଣ୍ଣ ଶୁଖିଲା ପଡ଼ିଥିବା ବେଳେ ସୋମବାର ପୂର୍ବାହ୍ନରୁ ସୁବର୍ଣ୍ଣରେଖା ଫୁଲିବାରେ ଲାଗିଛି । ନଦୀର ଉଭୟ କୂଳକୁ ନଦୀ ଜଳ ଛୁଇଁ ଥିବା ବେଳେ ନଦୀରେ ଜଳ ସ୍ରୋତ ମଧ ପ୍ରଖର ରହିଥିବାର ଦେଖିବକୁ ମିଳିଛି । ତେବେ କିଛିକଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲିଆପାଳ ବ୍ଲକର ବିଭିନ୍ନ ଅଂଚଳରେ ଜଳ ଭରି ଗଲାଣି । ବୁଣା ଶାରଦ ଧାନ, ଧାନ ତଳି, ନଳିତା ଚାଷ, ପନି ପରିବା ଜମି ଗୁଡିକ ବର୍ଷା ଜଳରେ ବୁଡିବାକୁ ବସିଲାଣି । ଛୋଟ ଛୋଟ ନଦୀ, ନାଳରୁ ବର୍ଷା ଜଳ ନଦୀକୁ ପ୍ରବଳ ବେଗରେ ପଶୁଛି । ନଦୀର ଉପର ମୁଣ୍ଡ ଝାଡ଼ଖଣ୍ଡରେ ମଧ ବର୍ଷା ହେଉଥିବା ଜଣାଯାଇଛି । ନଦୀର ପାଣି ମଧ ସମ୍ପୂର୍ଣ୍ଣ ଗୋଳା ରହିଛି । ନଦୀ କୁଳିଆ ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ଅସ୍ତି, ଶ୍ରୀରାମପୁର, ଘଂଟୁଆ, ନିଖିରା, କୁମ୍ଭାରୀ ଆଦି ପଚାୟତର ସହିତ ମଧୁପୁରା ପଂଚାୟତର ଚୌଧୁରୀକୁଦ, ଚରବସ୍ତକାଳରୁଇ, ପଂଚରୁଖି ଆଦି ଗ୍ରାମର ଗ୍ରାମବାସୀ ମାନେ ବନ୍ୟା ଆଶଙ୍କାରେ ରହିଛନ୍ତି ।

# ଟ୍ରେଲର ମାଲିକ ସଂଘରସାଧାରଣ ସଭା ଓ ନୂତନ କର୍ମକର୍ତାଙ୍କ ଶପଥ ପାଠ ଉତ୍ସବ




ଜଗତସିଂହପୁର/ପାରାଦୀପ (ନିପ୍ର): ପାରାଦୀପ ଟ୍ରେଲର ମାଲିକ ସଙ୍ଘ ର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ହୋଟେଲ ଏମ୍ପାୟାର୍ସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସିକନ୍ଦର ବଖସ ସଭାପତିତ୍ୱରେ ବହୁତ ସାଧାରଣ ସଭ୍ୟ ଓ ସମସ୍ତ କର୍ମକର୍ତା ଉକ୍ତ ସଭାରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକମରେ ସଭାପତି ସଙ୍ଘର ପ୍ରତିଷ୍ଠାତା ସଭ୍ୟ ବିଭୁତି ଭୂଷଣ ମହାନ୍ତିକୁ ସଭା ପରିଚାଳନା କରିବାକୁ ଅନୁରୋଧ କରିଥିଲେ । ସମ୍ପାଦକ ତାଙ୍କର ଅଭି ଭାଷଣରେ କହିଥିଲେ ୨୦୧୮ ମସିହାରେ ସଙ୍ଘ ପ୍ରତିଷ୍ଠା ହେବାର ପରେ ୨୦୧୯ରେ ମହାମାରୀ କୋରନା ପ୍ରଭାବରେ ବହୁ ମାଲିକ ମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଥିଲା ତଥାପି ଦୀର୍ଘ ୮ବର୍ଷବହୁ ଘାତ ପ୍ରତି ଘାତ ଶତ୍ୱେ ଆଜିବି ସଂଘକୁ ବଂଚାଇ ରଖା ଯାଇପାରିଛି । ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପୁରୁଣା ପରିଚାଳନା କମିଟିକୁ ଭଙ୍ଗା ଯାଇ ଏକ ନୂତନ କମିଟି ଗଠନ କରିବାକୁ ସମ୍ପାଦକ ସଭାରେ ଉପସ୍ଥିତ ସମସ୍ତ ସଭ୍ୟ ମାନଙ୍କୁ ଅବଗତ କରାଇ ଥିଲେ । ସମସ୍ତ ସଭ୍ୟ ମାନଙ୍କ ଦ୍ୱାରା ଆଲୋଚନା ପରେ ସଭାପତି ଭାବେ ସିକନ୍ଦର ବଖସ, କାର୍ଯ୍ୟକାରୀ ସଭାପତି ଅରକ୍ଷିତ ମାଝୀ, ଉପସଭାପତି, ଆଲୋକ ରଞ୍ଜନ ଦାଶ, ସମ୍ପାଦକ, ତୁଷାରକାନ୍ତ ଭୋଇ, ଯୁଗ୍ମ ସମ୍ପାଦକ, ବିଷ୍ଣୁ ଚରଣ ରାଉତ, ସହସମ୍ପାଦକ, ଶ୍ରୀକାନ୍ତ ସାମଲ, କୋଷଦକ୍ଷ ଅରୁଣ ମଙ୍ଗରାଜଙ୍କୁ ମନୋନୀତ କରାଯାଇଥିଲା । ସଙ୍ଘର ଉପଦେଷ୍ଟା ଭାବେ ବିଭୁତି ଭୂଷଣ ମହାନ୍ତିକୁ ଚୟନ କରାଯାଇ ଥିଲା, ସଙ୍ଘର ପ୍ରତିଷ୍ଠାତା ସଭ୍ୟା ସବିତା ମହାପାତ୍ର ସାଧାରଣ ମୁଖ୍ୟ ଅତିଥି ହ୍ୱା ସଙ୍ଗେ, ସଙ୍ଗେ ଆଜିର ପରିଚାଳନା ପରିଷଦର ସମସ୍ତ. ସଦ୍ୟସ ମାନଙ୍କୁ ପଦବୀର ଗୋପନୀୟତା ଓ ଶପଥ ପାଠ କରାଇ ଥିଲେ । ଶେଷେରେ କୋଷଦକ୍ଷ ଅରୁଣ ମଙ୍ଗରାଜ ସଭାଭଙ୍ଗ କରିଥିଲେ ।

# ବନ୍ୟପ୍ରାଣୀ ଅପରାଧ ମାମଲାରେ ଦୁଇ ଅଭିଯୁକ୍ତ ଗିରଫ

ନୀଳଗିରି(ନିପ୍ର): ନୀଳଗିରି ବନ ବିଭାଗ ପକ୍ଷରୁ ଏକ ବଡ଼ ବନ୍ୟ ପ୍ରାଣୀ ଅପରାଧ ମାମଲାରର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ହଜାତକୁ ପଠାଇଥିବା ଜଣା ପଡ଼ିଛି । ଅଭିଯୁକ୍ତମାନଙ୍କ ଠାରୁ ଏକ ଜୀବନ୍ତ ଗୋଧି, ଏକ ପ୍ଲାଷ୍ଟିକ ବ୍ୟାଗ, ପ୍ରାୟ ୨ ମିଟର ଲମ୍ବର ହଳଦିଆ ପ୍ଲାଷ୍ଟିକ ଦଉଡିଏବଂ ସବୁଜ ଦଉଡିରେ ତିଆରି ୯ଟିଫାଶ ଜବତ କରାଯାଇଛି । ଅଟକ ରଖାଯାଇଥିବା ଅଭିଯୁକ୍ତ ଉଜ୍ଜଳ ଭକ୍ତା (୩୫) ଏବଂ ସୁଜିତଭକ୍ତା (୧୯), ଉଭୟ ପଶ୍ଚିମବଙ୍ଗର ରାଜ୍ୟ ମେଦିନା ପୁର ଜିଲ୍ଲାର ନାରାୟଣଗଡ ଥାନା ଅନ୍ତର୍ଗତ ମେଟାଲ ଅଂଚଳର ବାସିନ୍ଦା ।ସୂଚନା ଅନୁସାରେ ଗତ ୨୬ ତାରିଖ ରବିବାର ଅପରାହ୍ନ ପ୍ରାୟ ୨ :୩୦ ଘଟିକା ସମୟରେ ଖନ୍ତାପଡା ଥାନା ପୋଲିସ ଖବର ପାଇ ନୀଳଗିରି ବନପାଳ ଓ କର୍ମଚାରୀ ମାନଙ୍କୁ ଖବର ଦେବା ସହିତ ଘଟଣାସ୍ଥଳ ରେ ପହଂଚି ଅଭିଯୁକ୍ତ ମାନଙ୍କୁ ଅଟକ ରଖିଥିଲେ । ପରେ ଜବତ ସାମଗ୍ରୀ ସହିତ ଅଭିଯୁକ୍ତ ମାନଙ୍କୁ ନୀଳଗିରି ବନାଂଚଳ କାର୍ଯ୍ୟାୟାଳୟକୁ ଆଣାଯାଇ ଅଧିକ ତଦନ୍ତ ଆରମ୍ଭ କରାଯାଇଥିଲା । ବାଲେଶ୍ୱର ବନ୍ୟଜୀବ ବନଖଣ୍ଡର ବନଖଣ୍ଡ ଅଧିକାରୀ ଶ୍ରୀ ପ୍ରତୀକ ପ୍ରକାଶ ଇନ୍ଦଲକର (ଭା.ବ.ରସ.)ଙ୍କ ନିର୍ଦ୍ଦେଶ କ୍ରମେ ଅନୁସନ୍ଧାନ ଅଧିକାରିଣୀ ତଥା ସହକାରୀ ବନସଂରକ୍ଷକତର୍ଟିନୀ ସେଠୀ ଆଜି ଉଭୟ ଅଭିଯୁକ୍ତଙ୍କ ଓଆର କେଶ ନମ୍ବର୦୯ ଏନ୍ ରେ ୨୦୨୬-୨୭ ରେ ମାମଲା ରୁଜୁକରିଥିଲେ । ପରବର୍ତ୍ତିସମୟରେ ଉଭୟ ଅଭିଯୁକ୍ତଙ୍କୁ ସ୍ଥାନୀୟ ଉପଖଣ୍ଡ ସ୍ତରୀୟ ବିଚାରବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା । ଅଦାଲତ ତାଙ୍କ ଜାମିନ ଆବେଦନ ନାମଞ୍ଜୁର କରିବା ପରେ ଅଭିଯୁକ୍ତ ମାନଙ୍କୁ ନୀଳଗିରି ଉପକାରାଗାରକୁ ପଠାଯାଇଥିବା ସୂଚନା ମିଳିଛି । ବିଭାଗ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ।

No. 13001/1304/2627

**OFFICE OF THE NOTIFIED AREA COUNCIL:CHANDBALI**
*Pin:-756133 (Odisha)*
*E.Mail: chandbali.nac@gmail.com*
Letter No. 4512 Dt. 24.07.2026

**QUOTATION CALL NOTICE**

Sealed quotations are invited from reputed registered Transport Agency/Private Agency /Proprietors/registered firms/partnership firms & individual for **Providing 3 Nos. of EV Garbage Tipper 4 wheeled (LCV/LGV) including Driver and loader for collection & transportation of dry waste ,wet waste, Sanitary waste & Special Care waste separately in special Bins from door to door of 15 nos of wards to nearest wealth centres of Chandbali NAC on daily basis on monthly hiring basis**

Tender paper can be obtained from Chandbali NAC Office or downloaded from Bhadrak District website https://bhadrak.odisha.gov.in/en or Chandbali NAC Office website www.chandbalinac.in Tender Paper Cost **Rs. 2,000.00 ( Rupees Two Thousand) only (non-refundable) & EMD of Rs. 20,000/- (Rupees Twenty Thousand) only (Refundable)** cash deposit in shape of **MR/DD** from any scheduled bank in favor of **Executive Officer, Chandbali NAC payble at Chandbali** during submission of proposal. All quotations will be received via speed post/registered post or in specific Quotation Box kept in the Office of the undersigned from **dt 27.07.2026 at 11:00 A.M.** up to **dt 07.08.2026 at 01:00 P.M.** and will be opened on the same day on dt **07.08.2026 at 04:00 P.M.** in presence of the bidders or their authorized representatives in the Chamber of Executive Officer, Chandbali NAC.

1. The service provider shall have a valid **GST registration** to participate in the tendering.
2. The vehicle should be **brand new**.
3. The monthly rate of hiring charges to be quoted separately in the general bid information.
4. The quotationer should quote their rate of price both in **figures and words**.
5. The quotation completed in all respect accompany with TP Cost, EMD Cost in original DD/MR should reach the undersigned on or before **dt 07.08.2026 at 01:00 P.M.** and shall be opened on the same day at **04:00 P.M.** in presence of the bidders or their authorized representatives.
6. Supply order will be given to the successful bidder with an agreement of the undersigned.
7. The successful bidder must provide the **3 Nos. of EV Garbage Tipper 4 wheeled (LCV/LGV)** within **21 days** after getting the work order. Otherwise, the agreement and work order will be cancelled with that agency and a new work order will be given to the **L2 bidder**.
8. The authority shall have the right to accept or reject all the quotations without assigning any reason thereof.

**Sd/-**
**Executive Officer**
**Chandbali NAC**

**OIPR. 13001/13129/1/26-27/0004**

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**No. 24001/324/2627**
****

ଘୋଷଣା

No **RDM-LAA-BDK-0010-2023**-45059 R&DM, Dated:29.11.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବଳଭଦ୍ରପ୍ରସାଦ, ଥାନା- ବଂଶଡା ସଂଖ୍ୟା-୧୪୬, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ଶିଳ୍ପ ପାର୍କ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୨୮୩୯ ତା. ୧୩.୦୯.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୪୧୪୦୦ ତା. ୦୧/୧୧/୨୦୨୫ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୦୨/୧୨/୨୦୨୫ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ବଳଭଦ୍ରପ୍ରସାଦ, ଥାନା- ବଂଶଡା ସଂଖ୍ୟା- ୧୪୬, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଶିଳ୍ପ ପାର୍କ ପ୍ରକଳ୍ପ , ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଭଦ୍ରକ ତହସିଲ: - ଚାନ୍ଦବାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଳଭଦ୍ରପ୍ରସାଦ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୪.୦୩୦୦ | ଏକର ୧୪.୦୩୦୦ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ଭଦ୍ରକ ତହସିଲ: - ଚାନ୍ଦବାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୨.୧୨.୨୦୨୫ ।

**ଭୂମି ଅନୁସୂଚୀ (ବେସରକାରୀ)**
**ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ**



ମୌଜାର ନାମ: ବଳଭଦ୍ରପ୍ରସାଦ
ଥାନା ଓ ନଂ.: ବାଁଶଡା, ୧୪୬
ତହସିଲ: ଚାନ୍ଦବାଲି
ଜିଲ୍ଲା: ଭଦ୍ରକ




| କ୍ର.ସଂ | ଖାତା ନଂ. | ଖସଡା ନଂ. | ମୋଟ ରକବା (ଏକର) | ଭୂ-ଅର୍ଜନ ରକବା (ଏକର) | କିସମ | ଖାତା ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୧୦୧ | ୪୨୭ | ୩.୪୨୦ | ୩.୪୨୦ | ଶାରଦ-୨ | ପରିକ୍ଷିତ ଦାସ, ଉପେନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ ପି: ପ୍ରାଣକୃଷ୍ଣ ଦାସ, ପୁରନ୍ଦର ଦାସ ପି: ହାଡିବନ୍ଧୁ ଦାସ ଜା: ଗୋପାଳ ବା: ନିଜଗାଁ |
| ୨ | ୭୭ | ୧୩୩ | ୩.୭୦୦ | ୩.୭୦୦ | ଶାରଦ-୨ | ଜଗବନ୍ଧୁ ବେହେରା, ପି-ଦଧି ବେହେରା, ଜାତି-କୁବେର ଗ୍ରାମ-ମହୁଲିଆ । |
| ୩ | ୩୮ | ୧୧୬ | ୫.୧୯୦ | ୫.୧୯୦ | ଶାରଦ-୨ | କୃପାସିନ୍ଧୁ ବେହେରା ପି- ନିଧି ବେହେରା ଜାତି-କୁବେର ଗ୍ରାମ-ମହୁଲିଆ । |
| ୪ | ୮୪ | ୧୧୫ | ୧.୭୨୦ | ୧.୭୨୦ | ଶାରଦ-୨ | ବୈତାରୀ ବେହେରା, ଭାଗୀରଥୀ ବେହେରା, ଗଙ୍ଗାଧର ବେହେରା ପି- ବିଚାର ବେହେରା ଜାତି-କୁବେର ଗ୍ରାମ-ମହୁଲିଆ |

ମୋଟ ୧୪.୦୩୦ ୧୪.୦୩୦

**OIPR. 24001/24001/3/26-27/0096**

ସ୍ୱା/-
ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ








ଅଯଥାରେ ଗର୍ବ କରୁଥିବା ଲୋକଟି ବୁଝିବା ଉଚିତ ଯେ ଶେଷ ସମୟରେ ନିଜ ପ୍ରାଣକୁ ମଧ୍ୟ ସେ ଅଟକାଇ ପାରି ନଥାଏ ।

# ଆଜିକାଲି



*‘ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା (ଶ୍ରୀମଦ୍ ଭଗବତ୍ ଗୀତା)*


ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ସଡ଼କ ସୁରକ୍ଷା ସଚେତନତା ଜରୁରୀ

ସଡ଼କ ଦୁର୍ଘଟଣା କେମିତି କମିବ ସେ ନେଇ ଓଡ଼ିଶା ସମେତ ସମସ୍ତ ରାଜ୍ୟ ପ୍ରତି ରାଜ୍ୟସରକାରଙ୍କ ଦ୍ୱାରା ବହୁ କଠୋର ପଦକ୍ଷେପ ନିଆଯାଇଛି । ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ପାଳିତ ହୋଇ ଆସୁଛି । ଏପରିକି ଟ୍ରାଫିକ ପୋଲିସ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାସ୍ତାରେ ଚାରି ଚକିଆ ଓ ଦୁଇ ଚକିଆ ଯାନଗୁଡ଼ିକୁ ସଡ଼କ ସୁରକ୍ଷା ସଂପର୍କିତ ବାର୍ତ୍ତା ଦିଆଯିବାର ନଜୀର ରହିଛି । ଏ ସବୁ ସତ୍ତ୍ୱେ ପ୍ରାୟ ପ୍ରତିଦିନ କୌଣସି ନା କୌଣସି ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିବା ସଂପର୍କରେ ମୃତାହତ ହେବା ଦେଖାଯାଉଛି । ବିଶେଷକରି ସହର ମାନଙ୍କରେ ରାସ୍ତା ଦୁର୍ଘଟଣା ଅଧିକ ବଢ଼ିଥାଏ । ଏଥିପାଇଁ ଦୁଇ ଚକିଆ ଯାନ ଚାଳକଙ୍କୁ ବିଶେଷ ଭାବେ ଦାୟୀ କରାଯାଇଥାଏ । ଏହି ଦୃଷ୍ଟିରୁ ବେଶ୍ କିଛି ବର୍ଷ ହେଲା ବାଇକ ଚାଳକ ମାନେ ରାସ୍ତାକୁ ବାହାରିବା ସମୟରେ ହେଲେମେଂଟ□ ପିନ୍ଧିବାକୁ ବାଧ ବୋଲି କେବଳ ଯେ କଡ଼ା ନିୟମ ଜାରୀ କରାଯାଇଛି ତାହା ନୁହେଁ, ଏହା କ୍ରମଶଃ ସଫଳ ହେବାରେ ଲାଗିଛି । ତଥାପି ଏହା ସତ୍ତ୍ୱେ କୌଣସି ନା କୌଣସି ପ୍ରକାରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । କେବଳ ବାଇକ ଚାଳକ ନୁହଁନ୍ତି ଚାଳକଙ୍କ ପଛରେ ଥିବା ଯାତ୍ରୀ ମାନେ ମଧ୍ୟ ହେଲମେଂଟ ପିନ୍ଧିବାକୁ ବାଧ କରାଯାଉଛି । ପ୍ରାୟ ରାଜଧାନୀର ସବୁ ଜାଗାରେ ଝିଅ ଏବଂ ପୁଅ ଗାଡ଼ି ଚଳାଇ ଯାଉଥିବା ସମୟରେ ହେଲମେଂଟ□ ବ୍ୟବହାର କରୁଥିବା ଦେଖାଯାଇଛି । ରାସ୍ତା ଦୁର୍ଘଟଣା ହ୍ରାସ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏଥିରେ ଦ୍ୱିମତ ହେବାର ନାହିଁ । ବର୍ତ୍ତମାନ ରାଜ୍ୟରେ ଗାଡ଼ି ଚାଳକ ମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଚାଳକ ମାନେ ଏପରି ଭାବେ ଗାଡ଼ି ଚଳାଉଛନ୍ତି ଯେ, ରାସ୍ତାରେ କିଏ ଯାଉଛି କି ନ ଯାଉଛି ତାହା ଦେଖୁ ନାହାଁନ୍ତି । ଖାମ୍‌ଖିଆଲି, ଉପରଠାଉରିଆ ତାଛଡ଼ା ମଦ ପିଇ ଗାଡ଼ି ଚଳାଇ ଯାଉଥିବା ବେଳେ ଏପରି ଭାବେ ଗାଡ଼ି ଚଳାଉଛନ୍ତି ଯେ ନିଜର କ୍ଷତି ହେବା ସଂଗେ ସଂଗେ ରାସ୍ତାରେ ଯାଉଥିବା ଅନ୍ୟ ପଥିକ ମାନେ ମଧ୍ୟ ମୃତାହତ ହେଉଥିବା ଦେଖିବାକ ମିଳୁଛି । ରାଜ୍ୟ ସରକାରଙ୍କ ଦ୍ୱାରା ରାସ୍ତାର ପ୍ରଶସ୍ତିକରଣ ହୋଇଥିଲେ ମଧ୍ୟ ଅମାନିଆ ଚାଳକୁ ମାନେ ପ୍ରଶାସନର କୌଣସି ନିୟମକୁ ମାନୁ ନଥିବା ଯୋଗୁଁ ଦୁର୍ଘଟଣା ବଢ଼ିବାକୁ ଲାଗୁଛି । କେବଳ ରାଜଧାନୀ ନୁହେଁ ରାଜ୍ୟର ସମସ୍ତ ସହରାଂଚଳ ଓ ଗ୍ରାମାଂଚଳରେ ରାସ୍ତା ପାଇଁ ପରିବହନ ବିଭାଗ ପକ୍ଷରୁ ଏଭଳି ଉଦ୍ୟମ ହେବା ଜରୁରୀ । ନଚେତ୍ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିପାରେ ।

# ସଂକ୍ରାମକ ହେପାଟାଇଟିସ୍

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ବିଶ୍ୱ ହେପାଟାଇଟିସ୍ ଦିବସ ଉପଲକ୍ଷେ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି । ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ । ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ । ହେପାଟାଇଟିସ୍‌କୁ ପା□ଟି ଶ୍ରେଣୀଭୁକ୍ତ କରାଯାଇଛି । ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ । ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା । ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ । ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ । ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ ।

ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ । କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା’ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ । ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି । ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା । ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ’ ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା ।କିନ୍ତୁ ୨୦୧୦ରେ ହେପାଟାଇଟିସ୍- ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା । ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ଆମ ଦେଶରେ ବର୍ତ୍ତମାନ ପାଖାପାଖି ପା□କୋଟି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ ‘ବି’ ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣା ପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ । ହେପାଟାଇଟିସ୍ ‘ବି’ ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଂଚ□କୋଟିରୁ ଅଧିକ ହେପାଟାଇଟିସ୍ ‘ବି’ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ ‘ବି’ ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖା ଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ ‘ବି’ ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଛିନ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଂଟରଫେରନ୍, ଏଂଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ ‘ବି’ ଏକ ସଂକ୍ରାମକ ରୋଗ ହୋଇ ଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

*ମୋ : ୯୪୩୭୦୫୧୯୫୭*

# ଜନ୍ମ ଜୟନ୍ତୀ




## ହାସ୍ୟ ଅଭିନେତା ନରି

◆ ନାଟ୍ୟସାରଥି ଅଭୟ କୁମାର ଦାସ

‘ଗୁଲୁଗୁଲି ଗୁଲୁଗୁଲି ମଲେଇ ଖାଇ ମୋ ଓଲେଇ ବିଲେଇ’ – ‘ସିନ୍ଦୂର ବିନ୍ଦୁ’ ଚଳଚ୍ଚିତ୍ରର ଏହି ମଜାଳିଆ ଗୀତ ଦୃଶ୍ୟରେ ଅଭିନୟ କରି ପ୍ରସିଦ୍ଧ ହୋଇଥିବା ହାସ୍ୟ କଳାକାର ହେଉଛନ୍ତି ନରେନ୍ଦ୍ର କୁମାର ବେହେରା । ଏକଦା ଏନ୍ କୁମାର ଭାବେ ସେ ରୂପେଲି ପରଦାକୁ ଆସିଥିଲେ ହେଁ ନରି ନାମରେ ଜନପ୍ରିୟ ଥିଲେ । ଏକ ଗୋପାଳ ପରିବାରରେ ସେ ଜନ୍ମ ହୋଇଥିଲେ । ତେବେ, ପିତା ସ୍ୱର୍ଣ୍ଣକାର ଭାବେ କାମ କରୁଥିଲେ । ପିତା ଥିଲେ ସଙ୍ଗୀତ ପ୍ରିୟ । ପିତାଙ୍କ ଜୀବନର ଏହି ଦିଗର ପ୍ରଭାବ ଶୈଶବରେ ନରିଙ୍କ ଉପରେ ପଡ଼ିଥିଲା । ସେ ତବଲା, ମୃଦଙ୍ଗ ବଜାଇବାରେ ଦକ୍ଷତା ଲାଭ କରିଥିଲେ । ମିସନ୍ ସ୍କୁଲରେ ପଢୁଥିଲେ ହେଁ ପାଠରେ ମନ ନଥିଲା । ଲକ୍ଷ୍ୟ ଥିଲା ସଙ୍ଗୀତ ନ ହେଲେ ଅଭିନୟ ଦୁନିଆରେ ନାମ କମାଇବେ । ଅଭିନେତା ବନିବା ପାଇଁ ଦିନେ ହଠାତ୍ ଘର ଛାଡ଼ି ମୁମ୍ବଇ ପଳେଇଥିଲେ । ଏଠି ସେଠି ଘୁରିବୁଲି ଅଭିନେତା ହେବା ଲାଗି ଉଦ୍ୟମ କରିଥିଲେ । ପଇସା ସରିଯିବାରୁ ଘରକୁ ଫେରିବାକୁ ବାଧ ହୋଇଥିଲେ । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଆରଟିଆଇରେ ତାଲିମ ନେଇ କିଛି କାଳ ମେକାନିକ୍ ଭାବେ କାର୍ଯ୍ୟ କରିଥିଲେ । ଅଭିନେତା ହେବାକୁ କାର୍ଯ୍ୟ କରିଥିଲେ । ଅଭିନେତା ହେବାକୁ ଯାହାଙ୍କ ଜନ୍ମ, ସେ ଏଭଳି ପେସାରେ ସନ୍ତୁଷ୍ଟ ହେବେ ବା କେମିତି । କାଳଶ୍ରୀ, ଅନ୍ନପୂର୍ଣ୍ଣା ରଙ୍ଗମ□ରୁ ଆରମ୍ଭ ହେଲା ଅଭିନେତା ଜୀବନ । ନରିଙ୍କ ସମ୍ପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ସେ ଟ୍ରାଙ୍ଗୋ ବାଦନରେ ନିପୁଣ ଥିଲେ । ତେଣୁ ମେଲୋଡ଼ି ଆଦିରେ କାମ ମିଳୁଥିଲା । ମଂଚରେ ହାସ୍ୟ ରସ ମଧ୍ୟ ପରିବେଷଣ କରୁଥିଲେ । ପ୍ରତିଷ୍ଠିତ ଅଭିନେତାଙ୍କ କଣ୍ଠ ସ୍ୱରକୁ ଅବିକଳ ନକଲ କରିବାରେ ତାଙ୍କର ଦକ୍ଷତା ଥିଲା । ଭାଇ ଭାଉଜ ନରି ଅଭିନୀତ ପ୍ରଥମ ଚଳଚ୍ଚିତ୍ର । ପଚାଶରୁ ଅଧିକ ଫିଲ୍ମରେ ଆମକୁ ହସାଇଥିବା ନରିଙ୍କ ଜନ୍ମ ୧୯୪୩ ଜୁଲାଇ ଆଜିର ଦିନରେ କଟକ ଅନ୍ତର୍ଗତ ଶେଖ ବଜାରରେ ହୋଇଥିଲା ।

*ଗୋତରା, ମାହାଙ୍ଗା, କଟକ : ୯୪୩୭୧୪୨୭୧୭*


# ହେପାଟାଇଟିସ୍ ଓ ଲିଭର



ଲିଭର ବା ଯକୃତ ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି । ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ । ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ । ଯକୃତ ଖରାପ ହୋଇଗଲେ ଟ୍ରାନ୍ସପ୍ଲାଂଟ ବ୍ୟତୀତ ଅନ୍ୟ ଉପାୟ ନାହିଁ । ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି ।ଭାଇରାଲ ହେପାଟାଇଟିସ୍ : ଏହା ଏ, ବି, ସି, ଡି ଏବଂ ଇ – ପାଂଚ ପ୍ରକାରର । ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ । ଏହାର ଲକ୍ଷଣ ପ୍ରାୟ ଚାରିସପ୍ତାହ ଜାରି ରହେ । ରୋଗୀକୁ ବାନ୍ତି ଏବଂ ଜ୍ୱର ହୁଏ । ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଂଚିଥାନ୍ତି । ଯକୃତ ଖରାପ ହେବାର ଦଶଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ମଧ୍ୟ ବିଗିଡ଼ିବାରେ ଲାଗେ । ହେପାଟାଇଟିସ୍ ବି ଏବଂ ସି ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ । ଯେଉଁ କେସ୍‌ରେ ଏକ ମାସ ମଧ୍ୟରେ ଲକ୍ଷଣ ପ୍ରକାଶ ପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ । ତେବେ ଲକ୍ଷଣ ପ୍ରକାଶ ପାଇବା ଛ’ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୁରା ସୁସ୍ଥ ହେବାର ଆଶା କ୍ଷୀଣ ରହେ । ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି । ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ । ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ ହଳଦିଆ ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି । ଏହା ଯକୃତକୁ ସଂକୁଚିତ କରିଦିଏ । ଠିକ୍ ସମୟରେ ଚିକିତ୍ସା ନପାଇଲେ ଧୀରେ ଧୀରେ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ହେବାର ମଧ୍ୟ ଆଶଙ୍କା ରହିଛି ।ମୁଖ୍ୟତଃ ଆଲ୍‌କୋହଲ, ସଂକ୍ରମିତ ଛୁଂଚ୍, ରକ୍ତ, ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମା’ଠାରୁ ଶିଶୁକୁ ଏହି ରୋଗ ହୋଇଥାଏ । ଏହା ବ୍ୟତୀତ ଟିବି, ଅପସ୍ମାର ଔଷଧ, ଆୟୁର୍ବେଦିକ ତଥା ହର୍ବାଲ ଔଷଧରୁ ବି ଏହି ରୋଗ ହୋଇ ପାରେ । ଅତ୍ୟଧିକ ମଦ୍ୟପାନ ଦ୍ୱାରା ଲିଭର କ୍ଷତିଗ୍ରସ୍ତ ହୋଇଥାଏ । ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଲିଭର ସଙ୍କୁଚିତ ହେବାକୁ ଲାଗେ, ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ । ଏହା ହିଁ ହେଉଛି ଲିଭର ସିରୋସିସ୍ । ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ । ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ । ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ପରିଶ୍ରମ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ । ଏହି ଘଟଣା ପାଇଁ ମୋଟାପା ୭୦ ପ୍ରତିଶତ ଦାୟୀ । ତେବେ ଏହାର ଆଉ କେତେକ କାରଣ ବି ଦେଖା ଗଲାଣି । ଅନ୍ତନଳୀର ବ୍ୟାକ୍ଟେରିଆ ମଧ୍ୟ ଫ୍ୟାଟି ଲିଭରର କାରଣ ହୋଇଥାନ୍ତି । ଏହା ପତଳା ଲୋକଙ୍କ ଠାରେ ମଧ୍ୟ ହୋଇ ପାରେ । ଅଧିକ ଚର୍ବି ଯୋଗୁ ଯକୃତ ସଂଙ୍କୁଚିତ ହୋଇଚାଲେ ଏବଂ ଠିକ୍ ସମୟରେ ଚିକିତ୍ସା ନମିଳିଲେ ସିରୋସିସ୍‌ର ଆଶଙ୍କା ଦେଖାଯାଏ । ଯକୃତର ଆଉ ଏକ ସମସ୍ୟା ପ୍ରାୟତଃ ମହିଳାଙ୍କ ଠାରେ ଦେଖାଯାଏ । ଶରୀରର କୋଷ ଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇ ଚାଲେ । ଏହା ଖୁବ୍ କମ୍ କ୍ଷେତ୍ରରେ ଦେଖା ଯାଏ । ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ । ୩୦-୪୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇ ଥାଏ । ତେଣୁ ଯକୃତ ପରୀକ୍ଷଣ କରାଇ ନେବା ଜରୁରୀ । ଏହାକୁ ଅଟୋଇମ୍ୟୁନ୍ ହେପାଟାଇଟିସ୍ କୁହାଯାଏ । ଫ୍ୟାଟି ଲିଭର ପାଇଁ ଅଲ୍‌ଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ । ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞମାନେ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି । ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ । ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ ଏବଂ ନିୟମିତ ବ୍ୟବଧାନରେ ୪୦ ବର୍ଷ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ । ସବୁଠାରୁ ବଡ଼ କଥା ମଦ୍ୟପାନରୁ ବିରତ ରୁହନ୍ତୁ ।

# ଇରିଟେବୁଲ ବାଓ୍ୱେଲ ସିଣ୍ଡ୍ରୋମ

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା





ଇରିଟେବୁଲ ବାଓ୍ୱେଲ ସିଣ୍ଡ୍ରୋମ ବା ଆଇବିଏସ ପେଟ ସମ୍ପର୍କିତ ଏକ ରୋଗ, ଯାହାକି ପାଚନତନ୍ତ୍ରକୁ ପ୍ରଭାବିତ କରିଥାଏ । ଏହି ରୋଗ ଦ୍ୱାରା ଅନ୍ତନଳୀରେ ଥିବା ଗୁଡ଼ ବ୍ୟାକ୍ଟେରିଆ କ୍ଷେତ୍ରରେ ଅସନ୍ତୁଳନ ଦେଖାଯାଏ । ଏହାଦ୍ୱାରା ପେଟ ଦରଜ, ଗ୍ୟାସ, ପେଟ ଫୁଲା, କୋଷ୍ଠକାଠିନ୍ୟ କିମ୍ବା ଡାଇରିଆ ଆଦି ସମସ୍ୟା ଦେଖାଯାଏ । ଏହି ସମସ୍ୟା ଜଟିଳ ଏବଂ ଗମ୍ଭୀର ହୋଇଗଲେ ବସିବା ଉଠିବା ସମୟରେ ପେଟରେ ଖୁବ ଯନ୍ତ୍ରଣା ହୋଇଥାଏ । ଏଥରୁ ମୁକ୍ତି ପାଇବା ପାଇଁ ଲୋକମାନେ କେମିଷ୍ଟଙ୍କ ପରାମର୍ଶରେ ଔଷଧ ସେବନ କରିଥାନ୍ତି, ଯାହାକି ଆହୁରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ । ତେଣୁ ଏହି ସମସ୍ୟାର ଚିକିତ୍ସା ପାଇଁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଏହି ରୋଗ ପ୍ରାଥମିକ ସ୍ତରରେ ଥିଲେ କେତେକ ଘରୋଇ ଉପାୟରେ ଏହାର ଉପଚାର କରିହେବ । ଏସବୁ ଉପାୟ ଆପଣାଇବା ପୂର୍ବରୁ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । କାରଣ ସ୍ୱାସ୍ଥ୍ୟଗତ ଲକ୍ଷଣ ଦୃଷ୍ଟିରୁ ଏସବୁ ଘରୋଇ ଉପଚାରର କ୍ୱଚିତ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ । ଅଦାରେ ଥିବା ଆଂଟି ଅକ୍ସିଡାଂଟ, ଆଂଟିଇନଫ୍ଲାମେଂଟାରି, ଏନାଲଜେସିକ, ଜିଞ୍ଜରୋଲ ଭଳି ଅନେକ ତତ୍ତ୍ୱ ରହିଛି ଯାହାକି ଆଇବିଏସ ସମସ୍ୟାକୁ ଦୂର କରେ । ନିତିଦିନିଆ ଖାଦ୍ୟରେ ମଧ୍ୟ ସାମାନ୍ୟ ପରିମାଣର ଅଦାକୁ ସାମିଲ କରିବା ଦ୍ୱାରା ଗ୍ୟାସ ଏସିଡିଟି ଏବଂ କଫଜନିତ ସମସ୍ୟା ରହେନାହିଁ । ପାଚନତନ୍ତ୍ରକୁ ସୁସ୍ଥ ରଖିବା ପାଇଁ ତ୍ରିଫଳା ବହୁତ ଲାଭଦାୟକ । ହରିଡ଼ା, ବାହାଡ଼ା ଓ ଅଁଳାର ସମଷ୍ଟିରେ ପ୍ରସ୍ତୁତ ହୋଇଥିବା ତ୍ରିଫଳା ଚୂର୍ଣ୍ଣର ଗୋଟିଏ ଚାମଚ ରାତି ଶୋଇବା ପୂର୍ବରୁ ଉଷୁମ ପାଣି ସହିତ ସେବନ କରିବା ଦ୍ୱାରା ସହଜରେ ପେଟ ସଫା ହୋଇଥାଏ । ଖାଦ୍ୟର ସ୍ୱାଦ ବଢ଼ାଉଥିବା ହେଙ୍ଗୁରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି । ତେଣୁ ଏକ ଚୁଟକିରୁ କମ ହେଙ୍ଗୁ ସହିତ ଏକ ଛୋଟ ଚାମଚ ଜୁଆଣି ଏବଂ ଏକ ଚୁଟକି କଳାଲୁଣ ବା ବିଟଲୁଣ ସହିତ ଖାଇବା ଦ୍ୱାରା ପାଚନ ଜନିତ ସବୁ ସମସ୍ୟା ଦୂର ହୋଇଥାଏ । ଘିଅ ଓ ଗୁଡ଼ ପ୍ରାକୃତିକ ଲେକସେଟିଭ ଭଳି କାମ କରେ । ଏହାଦ୍ୱାରା ମଳ ନରମ ହୁଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ । ତେଣୁ ଗୋଟିଏ ଛୋଟ ଛୋଟ ଚାମଚରେ ଗୁଡ଼ ଓ ଘିଅ ମିଶାଇ ଖାଇବା ଦ୍ୱାରା ଆଇବିଏସ ସମସ୍ୟାର ଦୂର ହୁଏ । ଆଇବିଏସ ସମସ୍ୟା ଦୂର କରିବା କ୍ଷେତ୍ରରେ ଇସବଗୁଲ ମଧ୍ୟ ଲାଭଦାୟକ । ଏଥିରେ ଥିବା ଫାଇବର ଓ ଲେକସୋଟିଭ ଗୁଣ କାଷ୍ଠକାଠିନ୍ୟ ଦୂର କରିବାରେ ସହାୟକ ହୋଇଥାଏ । ଏହାକୁ ପାଣି କିମ୍ବଲ କ୍ଷୀରରେ ଖାଇପାରିବେ ।

*ଶିଖରପୁର ଉପରସାହି, କଟକ*
*ମୋ: ୮୨୮୦୯୬୩୨୮୩*

















# ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତିର ଭୂମିକା କାର୍ଯ୍ୟକ୍ରମ

କନ୍ଧମାଳ : (ହି.ସ.) – ଫୁଲବାଣୀ ମାଇଁ ଭାରତ କନ୍ଧମାଳ ତରଫରୁ ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତିର ଭୂମିକା କାର୍ଯ୍ୟକ୍ରମ, ଫୁଲବାଣୀ ବିଇଡି କଲେଜ ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ପ୍ରବେଶନାଲ ଆଇଏଏସ୍ ଜସକିରଣ ସିଂ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷାବିତ ନବ କିଶୋର ରଥ , ବରିଷ୍ଠ ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ, ଆଇନଜୀବି ମନୋଜ କୁମାର ପଟ୍ଟନାୟକ, ସିଟି କଲେଜର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର, ବିଏଡ୍ କଲେଜର ପୂର୍ବତନ ଅଧ୍ୟକ୍ଷ ମଧୁପ ସୁନା ଏବଂ ମାଇ ଭାରତ ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ପ୍ରଶାନ୍ତ କୁମାର, ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତିନିଶହରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲୋକନୃତ୍ୟ, ଲୋକ ଗୀତ, ବକ୍ତୃତା, ଚିତ୍ରାଙ୍କନ, ସ୍ଲୋଗାନ ରାଇଟିଙ୍ଗ, ପଥପ୍ରାନ୍ତ ନାଟକ, କବିତା, ରିଲ ଇତ୍ୟାଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ସମସ୍ତ ଅତିଥି ଏବଂ ଭାଇ ଓ ଭଉଣୀମାନେ ଦସ୍ତଖତ ଅଭିଯାନ ମଧ କରିଥଲେ । ମୁଖ୍ୟଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀମାନଙ୍କୁ ଅବଗତ କରିଥିଲେ ଏବଂ ଶପଥ ପାଠ ମଧ କରାଇଥିଲେ । ବିଭିନ୍ନ ପ୍ରତିଯୋଗତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ । ବୈଠକରେ ମାଇଁ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବାବେଳେ ମନୋଜ୍ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ଗିଲ ବିଜୟ ଦିବସ

ଭଦ୍ରକ : (ହି.ସ.)- କାର୍ଗିଲ ବିଜୟ ଦିବସ ଅବସରରେ ଭଦ୍ରକ ବିଧାନସଭା କାର୍ଯ୍ୟାଳୟ ପରିସରରେ ଏକ ଗରିମାମୟ ଏବଂ ଦେଶପ୍ରେମରେ ଉର୍ଦ୍ଧ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କାର୍ଗିଲ ଯୁଦ୍ଧରେ ମାତୃଭୂମିର ସୁରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଅମର ବୀର ସହିଦମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ମାଧ୍ୟମରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା । ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ୧୯୯୯ ମସିହାର କାର୍ଗିଲ ଯୁଦ୍ଧରେ ଭାରତୀୟ ସେନାର ଅଦମ୍ୟ ସାହସ, ଅପୂର୍ବ ବୀରତ୍ୱ ଓ ଅତୁଳନୀୟ ଦେଶପ୍ରେମ ସମଗ୍ର ବିଶ୍ୱ ସମ୍ମୁଖରେ ଭାରତର ଗୌରବକୁ ଉଜ୍ଜ୍ୱଳ କରିଥିଲା । ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ ଏବଂ ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ଯବାନମାନଙ୍କର ତ୍ୟାଗ ଓ ବଳିଦାନ ଦେଶବାସୀଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ । ସେମାନଙ୍କର ବୀରଗାଥା ନୂତନ ପିଢ଼ିକୁ ରାଷ୍ଟ୍ରପ୍ରେମ, କର୍ତବ୍ୟନିଷ୍ଠା ଏବଂ ଦେଶସେବାର ମହାନ ଆଦର୍ଶ ପ୍ରତି ଉତ୍ସାହିତ କରିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଭଗବାନ ପଣ୍ଡା, ସମାଜସେବୀ ଅଜୟ ନାୟକ, ବିଧାୟକଙ୍କ ପ୍ରତିନିଧି ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଗିଲ ବୀର ସହିଦମାନଙ୍କର ଅବଦାନକୁ ସ୍ମରଣ କରିଥିଲେ । ଏଥିସହ ସମସ୍ତ ମଣ୍ଡଳ ସଭାପତି, ଭାରତୀୟ ଜନତା ପାର୍ଟିର ବହୁ କର୍ମୀ, ବୁଥ୍ ସଭାପତି, ସଦସ୍ୟ, ବୁଦ୍ଧିଜୀବୀ ଏବଂ ବହୁ ସଂଖ୍ୟକ ଦେଶପ୍ରେମୀ ନାଗରିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବାହୁଡ଼ା ଯାତ୍ରା: ଭିନ୍ନଭିନ୍ନ ସେବାରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

ପଟ୍ଟାମୁଣ୍ଡାଇ : (ହି.ସ.)- ସାରା ଭାରତ ବର୍ଷ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ବିଶ୍ୱବନ୍ଦିତ ଅଟେ କ୍ଷ କାହିଁ କେତେ ଭକ୍ତ ମହାପ୍ରଭୁଙ୍କୁ ଟିକେ ଦର୍ଶନ ପାଇଁ ଦେଶର କୋଣ ଅନୁକୋଣରୁ ଆସି ଦର୍ଶନ କରନ୍ତି । ଏତେ ମାତ୍ରାରେ ଭକ୍ତ ମାନଙ୍କୁ ସୁବିଧା ଦେବା ସରକାରଙ୍କ ତରଫରୁ ସମ୍ଭବ ହୋଇ ନ ଥାଏ କ୍ଷ ସେଥିଲାଗି ରଥଯାତ୍ରାରେ ଭିନ୍ନ ଭିନ୍ନ ସାମାଜିକ ସଂଗଠନ ସହ ବିଭିନ୍ନ ସମାଜସେବୀ ମଧ ଭିନ୍ନ ଭିନ୍ନ ସେବା ଯୋଗାଇ ଥାଆନ୍ତି କ୍ଷ ସାମାଜିକ ସେବା କ୍ଷେତ୍ରରେ ସାରା ଓଡ଼ିଶାରେ ଭିନ୍ନ ଭିନ୍ନ ସେବା ଯୋଗାଇଥିବା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ରଥ ଓ ପଥଚାରିଙ୍କ ପାଇଁ ଭିନ୍ନ ଭିନ୍ନ ସେବା ବଡ଼ଦାଣ୍ଡ ରେ ଯୋଗାଇଛନ୍ତି । ଏହି ସେବା ମଧ୍ୟରେ ରଥ ଟାଣୁଥିବା ଭକ୍ତ ମାନଙ୍କ ପାଇଁ ହେଉଥିବା ଅହେତୁକ ଗ୍ରୀଷ୍ମ ରୁ ବଂଚିବା ଲାଗି 'ବିଂଚଣା ସେବା', ରଥ ଟାଣୁଥିବା ଭକ୍ତ ଙ୍କ ପାଇଁ 'ଥଣ୍ଡା ପାନୀୟ ଜଳସେବା' ଓ ଭକ୍ତ ମାନଙ୍କୁ ଝାଳ ର ନିବାରଣ ପାଇଁ' ଗାମୁଛା ସେବା' ଓ ଗୁଳୁଗୁଳି ରୁ ବର୍ତିବା ପାଇଁ ଚନ୍ଦନ କର୍ପୂର ଅଗୁର ଭଳି 'ସୁବାସିତ ଜଳ ସିସଙ୍ଗନ ସେବା' ପରି ଅନେକ ସେବା ଯୋଗାଇ ଦେଉଥିଲା । ଟ୍ରଷ୍ଟ ର ସଦସ୍ୟ ବୃନ୍ଦ ଶରଧାବାଲିରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ରଥ ଚାଲୁ ଥିବା ସମସ୍ତ ଭକ୍ତଙ୍କୁ ଏହି ସେବା ଯୋଗାଇ ଦେଇଛନ୍ତି । ଏକାଧାରାରେ ଏହି ସେବାକୁ ଦେଖି ସାଧାରଣ ଜନତା ବାଃ ବାଃ ବୋଲି କହିଛନ୍ତି ଏବଂ ଶ୍ରୀ ଜଗନ୍ନାଥଙ୍କ ନାମରେ ନାମିତ ଟ୍ରଷ୍ଟ ର ମଙ୍ଗଳ ପାଇଁ ମହାପ୍ରଭୁଙ୍କ ନାମ ଜୟ ଜଗନ୍ନାଥ ଉଚ୍ଚାରଣ କରିଛନ୍ତି । କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତିଙ୍କ ସମେତ ଉପସଭାପତି ରଶ୍ମି ରଞ୍ଜନ ବାରିକ, କେଦାର ସ୍ୱାଇଁ, ନଳୀନକାନ୍ତ ବେହେରା, ଅଶୋକ କୁମାର ବେହେରା, ରାକେଶ ବଳ, ବିଶ୍ୱଜିତ ଦାସ, ନବକିଶୋର ରାଉତ, ସଞ୍ଜୟ କୁମାର ଚୌଧୁରୀ, ମନୋଜ ନାୟକ, ନରେନ୍ଦ୍ର ଗରଡା, ତପନ କୁମାର ନାଥ, ମନୋଜ କୁମାର ସାମଲ, ଗୌତମ ଦାସ ଓ ଗାଙ୍ଗୁଲି ଭଳ ପ୍ରମୁଖ ରହି ଏହି ସେବା କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ଥିଲେ ।

# ଉତ୍ପାଦିତ ଦ୍ରବ୍ୟର ପ୍ରକ୍ରିୟାକରଣ ୟୁନିଟ୍ କରିବାକୁ ଦାବି

ଜୟପୁର : (ହି.ସ.) – ମାଳଭୂମି କୋରାପୁଟର ଜଳବାୟୁ ମସଲା ଜାତୀୟ ଫସଲ ପାଇଁ ବେଶ ଉପଯୋଗୀ । କଫି, ଗୋଲମରିଚ, ଅଳେଇଚ, ଅଦା, ହଳଦୀ, ମାଣ୍ଡିଆ, ସୁଆଁ, ତେନ୍ତୁଳି ବହୁଳ ପରିମାଣରେ ଉତ୍ପାଦିତ ହେଉଛି । ହେଲେ ବଜାର ବ୍ୟବସ୍ଥା ଓ ପ୍ରକ୍ରିୟାକରଣ ୟୁନିଟ୍ ନଥିବାରୁ ଫାଇଦା ଉଠାଉଛି ପଡ଼ୋଶୀ ଆନ୍ଧ୍ର । ଅମଳ ଫସଲକୁ ଚାଷୀଙ୍କ ନିକଟରୁ କିଣିନେଇ ନିଜ ନାଁରେ ବ୍ରାଣ୍ଡ ଲଗାଇ ଜାତୀୟ ବଜାରରେ ବିକ୍ରି କରୁଛି । କୋରାପୁଟ ଜିଲ୍ଲାର ୩ ହଜାର ହେକ୍ଟର ଜମିରେ କଫି ଚାଷ ହେଉଛି । ଯେଉଁଥିରୁ ବାର୍ଷିକ ୫ଶହ ମେଟ୍ରିକ ଟନ୍ କଫି ଉତ୍ପାଦନ ହେଉଛି । ସେହିପରି ୧୫୫୦ ହେକ୍ଟର ଜମିରୁ ୧୧୫ ମେଟ୍ରିକ ଟନ୍ ଗୋଲମରିଚ, ୪୨୨୩ ହେକ୍ଟର ଜମିରୁ ୫୮,୧୨୦ ମେଟ୍ରିକ ଟନ୍ ଅଦା, ୩୩୭୩ ହେକ୍ଟର ଜମିରେ ୯ହଜାର ମେଟ୍ରିକ ଟନ୍ ଶୁଖିଲା ହଳଦୀ ଉତ୍ପାଦନ ହେଉଛି । ମାଣ୍ଡିଆ, ସୁଆଁ, ତେନ୍ତୁଳି ଉତ୍ପାଦନ ପରିମାଣ ବି କିଛି କମ୍ ନୁହେଁ । ଟିଡିସିସି କେବଳ କଫି, ମାଣ୍ଡିଆ, ଝାଡୁ ଓ ଶାଳ ମଞ୍ଜିର ବଜାରୀକରଣ କରୁଛି । ସୁଆଁ, ଗୋଲମରିଚ, ଅଦା, ହଳଦୀ, ଆଳୁ ଆଦି ଉତ୍ପାଦର ସରକାରୀ ସ୍ତରରେ ବଜାର ବ୍ୟବସ୍ଥା କି ପ୍ରକ୍ରିୟାକରଣ ୟୁନିଟ୍ ନାହିଁ । ଟିଡିସିସି ଗୁଣାତ୍ମକ କଫି ଚେରୀ କେଜି ପିଛା ୧୦୫ ଟଙ୍କାରେ କିଣୁଥିବାବେଳେ ଆନ୍ଧ୍ର ବ୍ୟବସାୟୀ ସମସ୍ତ ପ୍ରକାର କଫି ଚେରୀ କେଜି ପିଛା ୧୦୦ ଟଙ୍କାରେ ଚାଷୀଙ୍କ ଘରକୁ ଯାଇ ଯୋଗାଇ ଦେଉଛନ୍ତି । ତାରା ସହିତ ବର୍ଷ ତମାମର ଖର୍ଚ୍ଚ ମଧ ଦେଉଛନ୍ତି । ଫଳରେ ଉତ୍ପାଦନ ପରେ ଚାଷୀ ଆନ୍ଧ୍ର ବ୍ୟବସାୟୀଙ୍କୁ ହିଁ ଫସଲ ଦେବା ପାଇଁ ବାଧ ହେଉଛନ୍ତି । ଓଡ଼ିଶାର ଉତ୍ପାଦ ନେଇ ଆରୁକୁ କଫି ନାଁରେ ବ୍ରାଣ୍ଡିଂ କରି ବିକ୍ରି କରୁଛି ଆନ୍ଧ୍ର । ହଳଦୀ ଚାଷ କ୍ଷେତ୍ରରେ ମଧ ସେଇୟା । ଅମଳ ସମୟରେ ଆନ୍ଧ୍ର ବ୍ୟବସାୟୀ ୮୦ରୁ ୧୦୦ ଟଙ୍କାରେ କିଣି ନେଇ ଆନ୍ଧ୍ରର ବିଭିନ୍ନ ମାଳଭୂମି ନାମରେ ବିକ୍ରି କରୁଛି । ଅଦା କେଜି ପିଛା ୩୦ରୁ ୪୦ ଟଙ୍କା ଏବଂ ଗୋଲମରିଚକୁ ଆନ୍ଧ୍ର ବ୍ୟବସାୟୀ କିଣି ନେଇ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିକ୍ରି କରୁଛି । କେବଳ ମସଲା ନୁହେଁ ଜିଲ୍ଲାରେ ସୁଗନ୍ଧିତ ଫୁଲ ଓ ପତ୍ରର ପ୍ରକ୍ରିୟାକରଣ ୟୁନିଟ୍ ମଧ କାର୍ଯ୍ୟକ୍ଷମ ହେଉନି । ଜିଲ୍ଲା ଚାଷୀଙ୍କ ସୂଚନା ଅନୁଯାଇ କୋରାପୁଟରୁ ଉତ୍ପାଦନ ହେଉଥିବା ଭଳିକି ଭଳି ବାସନା ଚାଉଳ, ଗୋଲମରିଚ, କଫି, ମରିଚ, ହଳଦୀ ଓ ଅଦାର ସରକାରୀ ସ୍ତରରେ ବଜାର ବ୍ୟବସ୍ଥା ନାହିଁ । ପ୍ରକ୍ରିୟାକରଣ ୟୁନିଟ୍ ନଥିବାରୁ ଉତ୍ପାଦର ପ୍ରକୃତ ମୂଲ୍ୟାୟନ ହୋଇପାରୁନି । ଫଳରେ ଓଡ଼ିଶାର ଉତ୍ପାଦ ଆନ୍ଧ୍ର ସମେତ କେରଳ, ତାମିଲନାଡୁ, ଝାରଖଣ୍ଡ ଓ ଛତିଶଗଡ଼କୁ ଚାଲାଣ ହେଉଛି । ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କହିଛନ୍ତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି । ଜିଲ୍ଲାର ବ୍ୟବସାୟୀ ମାନେ ଆଗକୁ ଆସିଲେ ତାହା ଫଳପ୍ରଦ ହୋଇ ପାରିଥାନ୍ତା ।

# ସାଇଗାୟତ୍ରୀ ପରିବାର ପକ୍ଷରୁ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବଂଟନ

ବୋରିଗୁମ୍ମା : ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାର ପକ୍ଷରୁ ଗରିବ ମାଟ୍ରିକ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରାଯାଇଛି ।ବରିଷ୍ଠ ଆଇନଜୀବୀ ତଥା ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ଲାଲୁ ଷଡଙ୍ଗୀ ଙ୍କ ଦୁଲ୍ଲଗୁଡ଼ା ସ୍ଥିତ ବାସଭବନ ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁ ସଭାପତିତ୍ୱ କରିଥିଲେ ।ମୁଖ୍ୟ ଅତିଥି ଭାବେ ଜୟପୁର ଡିଆଇଇଟି ଅଧକ୍ଷା ମମତା ଝଡ଼ିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏପିଡି ଗୋରୀ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୋରୀ ଶଙ୍କର ସାମନ୍ତରାୟ, ଶିକ୍ଷାବିତ ଲକ୍ଷ୍ମୀ ନାରାୟଣ



ପଟ୍ଟନାୟକ ଯୋଗ ଦେଇଥିଲେ ।ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ଲାଲୁ ଷଡଙ୍ଗୀ ନିଜ ବକ୍ତବ୍ୟ ରେ କହିଥିଲେ ଯେ ସାଇ ଗାୟତ୍ରୀ ପରିବାର ୨୦୧୧ ପ୍ରତିଷ୍ଠା କରାଯାଇଥିଲା । ଆଧାତ୍ମ, ସେବା ଓ ରାଷ୍ଟ୍ରବାଦ ହେଉଛି ସାଇ ଗାୟତ୍ରୀ ପରିବାର ର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ । ବିଭିନ୍ନ ସମୟରେ ଗରିବ ଛାତ୍ରଛାତ୍ରୀ ଙ୍କୁ ପାଠ ପଢ଼ାଇବା,ଦିବ୍ୟାଙ୍ଗ ଙ୍କୁ ଉପକରଣ ପ୍ରଦାନ କରିବା ସହ ଅନ୍ୟାନ୍ୟ ସେବାରେ ସାଇ ଗାୟତ୍ରୀ ପରିବାର ଜଡିତ ।ଆଜି ବୋରିଗୁମ୍ମା ବ୍ଲକ ର ଗରୀବ ମାଟ୍ରିକ ଛାତ୍ରଛାତ୍ରୀ ଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରାଯିବ ବୋଲି କହିଥିଲେ ।ମୁଖ୍ୟ ଅତିଥି ଭାବେ ଡିଆଇଇଟି ର ଅଧକ୍ଷା ମମତା ଝଡ଼ିଆ କହିଥିଲେ ଯେ ସାଇ ଗାୟତ୍ରୀ ପରିବାର ପକ୍ଷରୁ ଏହିପରି ସେବା ଙ୍କୁ ସେ ସମ୍ମାନ କରନ୍ତି ।ଗରିବ ମାଟ୍ରିକ ଛାତ୍ରଛାତ୍ରୀ ଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ ଏକ ମହାନ ସେବା ବୋଲି କହିଥିଲେ । ପରେ ଅତିଥି ମାନେ ବ୍ଲକ ୩୧ ଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟ ରୁ ଆସିଥିବା ୭୦ ଜଣ ଗରୀବ ମାଟ୍ରିକ ଛାତ୍ରଛାତ୍ରୀ ଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରିଥିଲେ । ମାନସ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଇ ଗାୟତ୍ରୀ ପରିବାର ର ଲାଲୁ ଷଡଙ୍ଗୀ ଙ୍କ ସହଧର୍ମିଣୀ ଗୀତାଞ୍ଜଳି ମିଶ୍ର, ବିଜୟ ନାରାୟଣ ସାହୁ, ମୁନା ଦୋରା, ରଞ୍ଜନ କୁମାର ମିଶ୍ର, ଜି ମୋହନ ଦୋରା, ଚିଂଟୁ ପାଣିଗ୍ରାହୀ, ବୃନ୍ଦାବନ ପଣ୍ଡା, ଆନନ୍ଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ ।

# ପାଚିକା ସହାୟିକାଙ୍କ କର୍ମଶାଳା ଅନୁଷ୍ଠିତ

ଜୟପୁର : (ହି.ସ.)- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି କ୍ଷ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ଆମ୍ବାଗୁଡା, ରଣ୍ଡାପାଲି, ହାଟ କଙ୍ଗା, ଜାମୁଣ୍ଡା, ଦୋରାଗୁଡା ଓ ଜୟନ୍ତଗିରି ସାଧନ କେନ୍ଦ୍ର ର ସମସ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଓ ପାଚିକା ସହାୟିକାଙ୍କ କର୍ମଶାଳା ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆମ୍ବାଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିରେ ୬ ଗୋଟି କେନ୍ଦ୍ର ର ସମସ୍ତ ପାଚିକା ୨୦୦ ଜଣ ଯୋଗଦାନ କରିଥିଲେ । ରୋଷେଇ କରିବା ସହିତ ରୋଷେଇ ଘରକୁ ସଫା ସୁତୁରା ରଖିବା ଓ ଗ୍ୟାସ ର ବ୍ୟବହାର ସମ୍ବନ୍ଧରେ ତାଲିମ ପ୍ରାପ୍ତ ଶିକ୍ଷକମାନେ ସେମାନଙ୍କୁ ତାଲିମ ଦେଇଥିଲେ । ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆମ୍ବାଗୁଡାର ପ୍ରଧାନଶିକ୍ଷକ ସୁନୀଲ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମ୍ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବରିଷ୍ଠ ସହାୟକ ଶଶୀ ଭୂଷଣ ଦାସ ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ସୋମନାଥ ଗାଦବା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଂଚାସିନ ହୋଇ ଉପରୋକ୍ତ ବିଷୟରେ ପାଚିକା ମାନଙ୍କୁ ଅବଗତ କରାଇଥିଲେ କ୍ଷମନୋଜ ପଟ୍ଟନାୟକ ମଧ୍ୟାହ୍ନ ଭୋଜନ ହିସାବ ରକ୍ଷକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଆଦିତ୍ୟ କୁମାର ମିଶ୍ର ମଂଚ ପରିଚାଳନା କରିଥିଲେ । ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ପାଚିକା ସହାୟକାଙ୍କୁ ସମସ୍ତ ବିଷୟରେ ସଚେତନ କରାଇଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ସମସ୍ତ ପାଚିକା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା କ୍ଷଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର କେ ଗୋପାଳ, ହିସାବ ରକ୍ଷକ ସର୍ବ ଶିକ୍ଷା ଅଭିଯାନ ରଂଜିତ ମହାନ୍ତି, ଶିକ୍ଷକ ମନୋଜ ପଟ୍ଟନାୟକ, ଅଶୋକ କୁମାର ସ୍ୱାଇଁ, ରଘୁନାଥ ଖିଲ, ଦେବାଶିଷ ପାଳ, ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେକ୍ଷ ବିଦ୍ୟାଳୟର କର୍ମଚାରୀ ଶ୍ରୀମତୀ ସଂଯୁକ୍ତା ନାୟକ, ନିରଞ୍ଜନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଆମ୍ବାଗୁଡା ଭାଗିରଥି ବାରିକ କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ ।

# ସାଇକେଲ୍ ଚଳାଇ ପରିବେଶ ସୁରକ୍ଷାର ବାର୍ତା ଦେଲେ ସିଟି ହାଇସ୍କୁଲର ଛାତ୍ରଛାତ୍ରୀ

ଜୟପୁର : (ହି.ସ.) - ଦିନକୁ ଦିନ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଅନ୍ୟପଟେ ଯାନବାହନରୁ ନିର୍ଗତ ଧୂଆଁ ଯୋଗୁଁ ପ୍ରଦୂଷଣ ମାତ୍ରା ସାଂଘାତିକ ରୂପ ନେଉଛି । ଏହି ସମସ୍ୟାର ସମାଧାନ ପାଇଁ ସମାଜକୁ ସଚେତନ କରାଇଛନ୍ତି ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀ । ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ର ଓ ଛାତ୍ରୀ ନିଜ ନିଜ ସାଇକେଲ୍ ସହ ଏକାଠି ହୋଇଥିଲେ । ପେଟ୍ରୋଲ-ଡିଜେଲ ଗାଡ଼ିର ବ୍ୟବହାର କମାଇ ସାଇକେଲକୁ ଆପଣାଇବା ପାଇଁ ସେମାନେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ସାଇକେଲ୍ ଚଲାନ୍ତୁ, ପରିବେଶ ବଂଚାନ୍ତୁ, ନୀରୋଗ ରୁହନ୍ତୁ ନାରା ଦେଇ ସାଧାରଣ ଲୋକଙ୍କୁ ପ୍ରଦୂଷଣମୁକ୍ତ ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ନିବେଦନ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କର ଏହି ପ୍ରେରଣାଦାୟୀ ପଦକ୍ଷେପକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ଭୂୟସୀ ପ୍ରଶଂସା କରିଛନ୍ତି ।

# ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ

କନ୍ଧମାଳ : (ହି.ସ.)- ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ଶନିବାର ପବିତ୍ର ସୁନା ବେଶ ଅବସରରେ ବନ ବିଭାଗ ସହାୟତାରେ ସ୍ଥାନୀୟ ନଗର ବନ ଉଦ୍ୟାନ ପରିସରରେ ଏକ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ବିଶ୍ୱ ପରିବେଶ ସଂରକ୍ଷଣ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡ଼ା. ସନ୍ତୋଷ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏସ ପି ଦିଲ୍ଲିପ ସାହାଣୀ, ରେଞ୍ଜ ଅଫିସର ଆଶଲତା ଦିଗାଲ, ଫରେଷ୍ଟର ସରୋଜ ମିଶ୍ର ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଓ ପ୍ରଦୂଷଣରୁ ମୁକ୍ତ ପାଇଁ ବୃକ୍ଷ ରୋପଣ ଜରୁରୀ ବୋଲି କହିଥିଲେ । ରୋଟାରୀ କ୍ଲବ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ସଚେତନତା କରିବା ସହ ବୃକ୍ଷ ରୋପଣ କାର୍ଯ୍ୟକୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ । ରୋଟାରୀ କ୍ଲବ୍ ସଭାପତି ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ରୋଟାରୀ କ୍ଲବ୍ ସମ୍ପାଦକ ସୁନୀଲ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଜଗନ୍ନାଥ ରଥ କାଠ ଉଦ୍ଦେଶ୍ୟରେ ଫାଶୀ ଗଛ ଓ ଫଳ ବୃକ୍ଷ ରୋପଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ରୋଟାରୀ କ୍ଲବ୍ ପୂର୍ବତନ ସଭାପତି ତଥା ଏ ଜି ବିପ୍ର ଚରଣ ପାତ୍ର, ବରିଷ୍ଠ ରୋଟା ରିଆନ ପ୍ରଶାନ୍ତ କୁମାର ପାଣିଗ୍ରାହୀ, କେ ଜ୍ଞାନ ଦୋରା, ହରିଶ୍ଚନ୍ଦ୍ର ମହାରଣା, ରବି ନାରାୟଣ ସୁବୁଦ୍ଧି, ଉପେନ୍ଦ୍ର ମହାପାତ୍ର, ମୋନୋରଞ୍ଜନ୍ ପଟ୍ଟନାୟକ, ବାଲାଜୀ ପାତ୍ର, ପ୍ରକାଶ ପଣ୍ଡା, ବିରଜା ନାହାକ, କ୍ରିଷ୍ଣା ସେନାପତି, ସଂଜିତ ପାତ୍ର, ସିମାଚଂଲ୍ ବେହେରା, ପୱନ୍ ଅଗ୍ରୱାଲ, ସନ୍ତୋଷ ମିଶ୍ର, ବି ଦେବେନ୍ଦ୍ର ପାତ୍ର, ସାମ୍ବାଦିକ ସୁବାସ ପ୍ରଧାନ, ଶିବ ବିଶ୍ୱାଳ, ଅଚ୍ୟୁତ ସେଠୀ, ଲଳିତମଲିକ, ଭି ଭି ଶଙ୍କର, ରମେଶ ପ୍ରଧାନଙ୍କ ସମେତ ବରିଷ୍ଠ ନାଗରିକ ଶୁଭେନ୍ଦୁ ତ୍ରିପାଠୀ, ବରିଷ୍ଠ ଆଇନଜୀବି ଅଶୋକ ବେହେରା, ଶ୍ରୀ ଘଟାଲ ଜଙ୍ଗଲ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ

# ଭୀମ ଭୋଇ ମେଡ଼ିକାଲରେ ସଫଳ ଅସ୍ତ୍ରୋପଚାର : କୃଷକ ନାରାୟଣ ସାହୁଙ୍କ ଜୀବନ ରକ୍ଷା

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀର ଜିଲ୍ଲାର ବାଘବଡ଼, ଖୁଜେନପାଲିର ୫୫ ବର୍ଷୀୟ କୃଷକ ଶ୍ରୀ ନାରାୟଣ ସାହୁ କାମ କରୁଥିବା ସମୟରେ ଘଟିଥିବା ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଥିଲା, ତାଙ୍କୁ ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ସଫଳତାର ସହ ଅସ୍ତ୍ରୋପଚାର କରି ଜୀବନ ରକ୍ଷା କରାଯାଇଛି । କୋଦାଳର କାଠବେଂଟ ତାଙ୍କ ବାମ ବାହୁ ଓ ଛାତିରେ ପଶିଯାଇ ଗମ୍ଭୀର ଆଘାତ ଲାଗିଥିଲା, ଯାହାକି ତାଙ୍କ ଜୀବନକୁ ଗୁରୁତର ବିପଦରେ ପକାଇଥିଲା । ଏହି ଅସାଧାରଣ ଘଟଣାରେ ସ୍ଥାନୀୟ ଡାକ୍ତରୀ ଦଳଙ୍କ ସମୟୋଚିତ ପଦକ୍ଷେପ, ଦକ୍ଷତା, ସାହସିକତା ଓ ସମର୍ପଣରେ ପ୍ରାୟ ୨ ଘଂଟା ଧରି ଚାଲିଥିବା ଜଟିଳ ଅସ୍ତ୍ରୋପଚାର ଦ୍ୱାରା ଶରୀରରୁ କୋଦାଳକୁ ସଫଳତାର ସହ ବାହାର କରାଯାଇଥିଲା । ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସନ୍ତୋଷଜନକ ରହିଛି ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ଏହି ସଫଳ ଅସ୍ତ୍ରୋପଚାରଟି ଡାକ୍ତର ସୁମିତ ସାମଲ, ଡାକ୍ତର ଅନିଲ ବେହେରା, ଡାକ୍ତର ସରୋଜ ଗୋଛାୟତ, ଡାକ୍ତର ସତ୍ୟବ୍ରତ ସାମଲଙ୍କ ସହିତ ଆନାସ୍ଥେସିଆ ଟିମ୍ ଓ ଅସ୍ତ୍ରୋପଚାର କକ୍ଷର କର୍ମଚାରୀମାନଙ୍କ ସମନ୍ୱିତ ପ୍ରୟାସରେ ସମ୍ପାଦିତ ହୋଇଥିଲା । ସ୍ଥାନୀୟ ସ୍ୱାସ୍ଥ୍ୟସେବାରେ ଏହି ପ୍ରକାରର ଜଟିଳ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଥିବାରୁ ଏହାକୁ ଜିଲ୍ଲାର ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ମାଇଲଷ୍ଟୋନ୍ ବୋଲି ଗଣାଯାଉଛି । ଏହି ସାହସିକ ପଦକ୍ଷେପ ଦ୍ୱାରା ଜଣେ ଗରିବ କୃଷକଙ୍କ ଜୀବନରକ୍ଷା ହୋଇ ଥିବାରୁ ସ୍ଥାନୀୟ ଲୋକମାନେ ମଧ ଡାକ୍ତରୀ ଦଳଙ୍କୁ ପ୍ରଶଂସା କରୁଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଏହି ସଫଳତାକୁ ବଲାଙ୍ଗୀର ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ସଫଳତା ବୋଲି ବିବେଚନା କରିଥିଲେ ଏବଂ ଡାକ୍ତରୀ ଦଳଙ୍କୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ସ୍ଥାନୀୟ ସ୍ୱାସ୍ଥ୍ୟସେବାରେ ଏହି ପ୍ରକାରର ସାହସିକ ଓ ସଫଳ ପଦକ୍ଷେପ ଜନସାଧାରଣଙ୍କୁ ଆଶା, ଆତ୍ମବିଶ୍ୱାସ ଓ ସୁରକ୍ଷାର ଭାବନା ଦେଇଥାଏ । ଏହି ଘଟଣା କେବଳ ଜଣେ କୃଷକଙ୍କ ଜୀବନରକ୍ଷାରେ ସୀମିତ ନୁହେଁ, ବରଂ ସ୍ଥାନୀୟ ସ୍ୱାସ୍ଥ୍ୟସେବାର କ୍ଷମତା, ସମର୍ପଣ ଓ ପ୍ରତିଶ୍ରୁତିର ଏକ ସ୍ପଷ୍ଟ ପ୍ରମାଣ ।

# କାରଗୀଲ ବିଜୟ ଦିବସରେ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର : (ହି.ସ.) - ସମ୍ବଲପୁର ଜେଲ ଛକ ନିକଟରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଆରମ୍ଭ ହୋଇଥିବା ସମ୍ବଲପୁରୀ ଦିନରେ ଦେଶ ବିଦେଶରେ ସମ୍ବଲପୁରୀକୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି । ଚଳିତ ବର୍ଷ ସମ୍ବଲପୁରୀ ଡେରା ଠାରେ ୧୪ ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ରବିବାର ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଇଷ୍ଟଦେବୀ ସମଲେଇଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ପରେ ବାଲିବନ୍ଧା ସୋମନାଥ ମନ୍ଦିର ଠାରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ସମ୍ବଲପୁରର କଳାକାର ଏବଂ ପଶ୍ଚିମାଂଚଳ ଏକତା ମଂଚର କର୍ମକର୍ତା ମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା, ହାଟପଡା, ଦଲେଇପଡା, ମୁନିସିପାଲିଟି ଛକ ଦେଇ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରା କୁ ପହଂଚିଥିଲା । ସମ୍ବଲପୁରୀ ବାଦ୍ୟ ର ତାଳେତାଳେ କଳାକାର ଏବଂ କର୍ମକର୍ତାମାନେ ରାସ୍ତା ସାରା ନୃତ୍ୟ ପ୍ରଦର୍ଶନ କରିଥିଲେ । ଆଜି କାରଗୀଲ ସହିଦ ଦିବସ ଥିବାରୁ କଚେରୀ ଛକ ସ୍ଥିତ ସହୀଦ ସ୍ମାରକୀ ଠାରେ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଶୋଭାଯାତ୍ରା ଆଗକୁ ବଢିଥିଲା । ଶୋଭାଯାତ୍ରା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ରେ ଗୁରୁ ବହିଦାର ଙ୍କର ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରାଯାଇଥିଲା । ଶୋଭାଯାତ୍ରା ରେ ଶତାଧିକ କଳାକାର ସମ୍ବଲପୁରୀ ଡେରା ରେ ପ୍ରଶିକ୍ଷାର୍ଥୀ, ପଶ୍ଚିମାଂଚଳ ଯୁବ ଏକତା ମଂଚ ଏବଂ ନାରୀଶକ୍ତିର ସଦସ୍ୟ ମାନେ ସାମିଲ ହୋଇଥିଲେ । ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜନରେ ଶୋଭାଯାତ୍ରା ସଂଯୋଜକ ଅମନ ଚିରଗୁନ, ହିମାଂଶୁ ସାହୁ, ପ୍ରେମ ସାହାଣୀ, ରାହୁଲ ଗୁପ୍ତା, ସୁଭମ ସାହୁ, ପ୍ରଥମ ନାରାୟଣ ପଣ୍ଡା, ଦେବୀ ପ୍ରସାଦ ଭୋଇ, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, ଅମିତାଭ ମାଝୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ଅପରାହ୍ନରେ ସମ୍ବଲପୁରୀ ଦିନ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ । ଏଥିରେ ୧୩୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଡ଼ ସନ୍ତୋଷ କୁମାର ବରିହା, ସମ୍ମାନିତ ଅତିଥି ଭାବେ ଡ଼ ସତ୍ୟନାରାୟଣ ଠାକୁର, ଲିଲିମା ବରିହା ଯୋଗ ଦେଇଥିଲେ । ପ୍ରତିଯୋଗିତା ଆୟୋଜନ ରେ ଚିତ୍ରକଳା ସଂଯୋଜକ ସୁରେନ୍ଦ୍ର ବଗର୍ତି, ଲଳିତା ଭୋଇ, ଅମିତ ଦାସ, ସିପ୍ରା ଚକ୍ରବର୍ତୀ, ପ୍ରଜ୍ଞା ସାହୁ, ଯାମିନୀ ଠାକୁର, ଭୂମିସୁତା ମେହେର, ସନ୍ତୋଷ ବଡାଇ, ଅନୁପମା ରାଉତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।





# କଳା କୁକୁଡ଼ା ବଳି ଅଭିଯୋଗକୁ କେନ୍ଦ୍ର କରି ଧୁଷୁରୀ ଅଂଚଳରେ ଉତେଜନା : ଗୁଣିଆ ସମେତ ୬ ଅଟକ

ଧାମନଗର(ନିପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ଥାନା ଅଂଚଳରେ ଅନ୍ଧବିଶ୍ୱାସ ଏବଂ ଗୁଣିଗାରେଡ଼ିର ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି । କଟସାହି ପଂଚାୟତ ଅଧୀନ ଶ୍ରୀଗଙ୍ଗା ଗ୍ରାମର ଶ୍ୟାମଚାନ୍ଦପାଟଣା ଠାରେ କଳା କୁକୁଡ଼ା ବଳି ଦିଆଯାଉଥିବା ଅଭିଯୋଗକୁ ନେଇ ସୋମବାର ଗ୍ରାମରେ ପ୍ରବଳ ଉତେଜନା ଦେଖାଦେଇଛି । ଖବର ପାଇ ଧୁଷୁରୀ ପୁଲିସ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଂଚି ଘର ମାଲିକଙ୍କ ସମେତ ମୟୂରଭଞ୍ଜ ଜିଲ୍ଲାରୁ ଆସିଥିବା ୫ ଜଣ ଗୁଣିଆଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ଅନନ୍ତ ଜେନାଙ୍କ ଘର ପଛପଟ ବାଡ଼ିରେ ବାହାରୁ ଆସି କିଛି ବ୍ୟକ୍ତି ଗୁପ୍ତରେ ପୂଜାପାଠ କରି କଳା କୁକୁଡ଼ା ବଳି ଦେଉଥିଲେ । ମୟୂରଭଞ୍ଜରୁ



ଆସିଥିବା ଏହି ୫ ଜଣ ବ୍ୟକ୍ତି ଗୁଣିଆ ଭାବେ କାର୍ଯ୍ୟ କରୁଥିବା ବେଳେ ଏହି ସମୟରେ ଗ୍ରାମବାସୀ ସେଠାରେ ଏକାଠି ହୋଇ କଡ଼ା ବିରୋଧ କରିଥିଲେ । ଗ୍ରାମବାସୀଙ୍କ କହିବାନୁଯାୟୀ, ଘଟଣାସ୍ଥଳରେ ପହଂଚିବା ବେଳକୁ ପୂର୍ବରୁ ଦୁଇଟି କୁକୁଡ଼ା ବଳି ଦିଆସାରିଥିବା ବେଳେ ତୃତୀୟ କୁକୁଡ଼ାଟିକୁ ବଳି ଦେବା ପାଇଁ ପ୍ରସ୍ତୁତି ଚାଲିଥିଲା । ଏହି କଳା କୁକୁଡ଼ା ବଳି ମାଧ୍ୟମରେ ଗ୍ରାମର ୩ ଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଗୁଣିଗାରେଡ଼ି କରାଯାଉଥିବା ନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ଅନନ୍ତ ଜେନାଙ୍କ ଘର ନିର୍ମାଣ ସମୟରେ ସରକାରୀ ଜମି ଜବରଦଖଲ ନେଇ ଅଭିଯୋଗ ହୋଇଥିଲା ଏବଂ ଗ୍ରାମବାସୀଙ୍କ ପ୍ରତିବାଦ କ୍ରମେ ସେତେବେଳେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । ସେହି ପୁରୁଣା କଟୁତା ଓ ପ୍ରତିଶୋଧ ନେବା ଆଶାରେ ଏଭଳି ଅନ୍ଧବିଶ୍ୱାସର ଆଶ୍ରୟ ନିଆଯାଇଥିବା ନେଇ ଗ୍ରାମରେ ଚର୍ଚ୍ଚା ଜୋର ଧରିଛି । ଘଟଣାଟି ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିବା ପରେ ଧୁଷୁରୀ ଥାନା ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ । ପୁଲିସ ଘର ମାଲିକ ଅନନ୍ତ ଜେନାଙ୍କ ସମେତ ମୟୂରଭଞ୍ଜରୁ ଆସିଥିବା ୫ ଜଣ ଗୁଣିଆଙ୍କୁ ଥାନାକୁ ଆଣି ଅଟକ ରଖିଛି । ଅଟକ ଥିବା ଗୁଣିଆମାନେ ହେଲେ ଭୁଗୁ ମାରାଣ୍ଡି, ଠାକୁରା ମାରାଣ୍ଡି, ପ୍ରଧାନ ସୁରେନ, ଦାସ ସୁରେନ ଏବଂ ନାଳ ସୁରେନ । ଏହି ରହସ୍ୟଜନକ ବଳି ପଛର ପ୍ରକୃତ ସତ୍ୟ କଣ ଏବଂ ଏଥିସହ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେନେଇ ଧୁଷୁରୀ ପୁଲିସ ଗୀତ ଓ ତଥ୍ୟ ଭିତିରେ ଘଟଣାର ବିଶ୍ଳେଷଣାତ୍ମକ ତଦନ୍ତ ଜାରି ରଖିଛି ।

# ଜୁଆ ଆଡ୍ଡା ଉପରେ ଚଢ଼ଉ : ୪ଗିରଫ



ନୂଆପଡ଼ା(ନିପ୍ର) : ନୂଆପଡ଼ା ଜିଲ୍ଲା ଖଡିଆଳ ପୋଲିସ କୁ ସଫଳତା, ଏକ ଜୁଆ ଆଡ୍ଡା ରେ ଚଢାଉ, ୪ ଅଭିଯୁକ୍ତ ଗିରଫ, ଘଟଣା ସ୍ଥଳୀ ରୁ ୪୦ ହଜାର ୫୦୦ ନଗଦ ଜବତ ହୋଇଅଛି । ଏହି ଘଟଣା ନେଇ ଖଡ଼ିଆଳ ଥାନା ରେ ଏକ ମାମଲା ରୁଜୁ ହୋଇଅଛି । ଖଡ଼ିଆଳ ଥାନା କେସ ନମ୍ବର ୨୬୧/୨୬ ଧାରା ୩ ଓପିଜି ଆଇନ ରେ ଚାରିଜଣ ଗିରଫ ହୋଇଛନ୍ତି । ସେମାନେ ହେଲେ ବସନ୍ତ ସ୍ୱାଇଁ, ଆମ୍ବାଦୋଳା ରାୟଗଡ଼ା, ଇଣ୍ଡୋର ବାଗ, କାଦୋବେଡା, ମୋହନ ସତନାମି, ଏବଂ ଉମାକାନ୍ତ ସାହୁ ଖଡିଆଳ ବୋଲି ଜଣାପଡ଼ିଛି ।

# ନିଟ୍ ପରୀକ୍ଷାରେ ଉତର୍ଣ୍ଣ ହେଲେ ମୋନାଲିସା

ସୋର(ନିପ୍ର) : ସୋର ବ୍ଲକ ମାଣିପୁର ପଂଚାୟତ କୃପାସିନ୍ଧୁ ମିଶ୍ରଙ୍କର ଝିଅ ମୋନାଲିସା ମିଶ୍ର ଚଳିତ ବର୍ଷ ନିଟ୍ ପରୀକ୍ଷାରେ ୭୨୦ରୁ ୫୮୫ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି । ମୋନାଲିସା ୨୦୨୨ ମସିହାରେ ନବରଙ୍ଗପୁର ଡିଏଭିରେ ୯୮% ନମ୍ବର ଏବଂ +୨ ବିଜ୍ଞାନରେ ଭୁବନେଶ୍ୱର ଡିଏଭିରୁ ୯୫% ନମ୍ବର ରଖି ପାସ କରିଥିଲେ । ପ୍ରୟାସରେ ଗୋଟିଏ ବର୍ଷ କୋଚିଂ ନେଇଥିଲେ । ତାଙ୍କର ମା' ସସ୍ମିତା ମିଶ୍ର ଓ ବାପା ଶ୍ରୀ ପାଣିଗ୍ରାହୀ ହାଇସ୍କୁଲର ହେଡ଼ମାଷ୍ଟ୍ର ଭାବେ କାର୍ଯ୍ୟ କରୁଛନ୍ତି ।

# ଡାକ୍ତରଖାନାର ସିଲିଂ ଖସି ମହିଳା ଆହତ : ଅଳ୍ପକେ ବର୍ତିଲା ନବଜାତ ଶିଶୁ

ସୋର(ନିପ୍ର) : ସୋର ଡାକ୍ତରଖାନା ପରିସରରେ ଥିବା ମହିଳା ଓ ଶିଶୁ ସମନ୍ୱୟ କୋଠାର ଦ୍ୱିତୀୟ ମଲାରେ ଗତ କିଛିଦିନ ତଳେ କରାଯାଇଥିବା କାର୍ଯ୍ୟ ନିମ୍ନମାନର ହୋଇଥିବା କାରଣରୁ ୱାର୍ଡରୁ ସିଲିଂ ପ୍ଲାଷ୍ଟର ଖସି ଜଣେ ମହିଳା ଆହତ ହୋଇଥିବା ବେଳେ ତାଙ୍କର ନବଜାତ ଶିଶୁପୁତ୍ର ଅଳ୍ପକେ ବର୍ତିଯାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ବାଗୁଡି ଅଂଚଳର ଜଣେ ମହିଳା ଗତ ୨୨ ତାରିଖରେ ସୋର ଡାକ୍ତରଖାନାକୁ ପ୍ରସବ ପାଇଁ ଆସିଥିବା ବେଳେ ବିବାହର ଦିର୍ଘ ୯ ବର୍ଷ ପରେ ତାଙ୍କର ପୁତ୍ର ସନ୍ତାନଟିଏ ଜନ୍ମ ନେଇଥିଲା । ସେ ମହିଳା ଓ ଶିଶୁ ସମନ୍ୱୟ କୋଠାର ୨ୟ ମହଲାରେ ଥିବା ୱାର୍ଡର ୧୯ ନମ୍ବର ବେଡରେ ଥିବା ବେଳେ ଗତକାଲି ସଂଧ୍ୟାରେ ଛାତର ସିଲିଂରୁ ଏକ ପ୍ଲାଷ୍ଟର ଅଂଶ ଖସିପଡିଥିଲା । ଏହି ସମୟରେ ଉକ୍ତ ପ୍ଲାଷ୍ଟର ଖଣ୍ଡଟି ଶିଶୁ ଦେହରେ ଖସିବା ପୂର୍ବରୁ ତାଙ୍କ ମା ନିଜ ମୁଣ୍ଡ ପତାଇବାରୁ ତାଙ୍କ ମୁଣ୍ଡ ଫାଟିବା ସହିତ ସେ ଆହତ ହୋଇଥିଲେ । ପରେ ମହିଳାଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ କରିବାରୁ ମହିଳାଙ୍କୁ ଚିକିତ୍ସା କରାଯାଇ ଅନ୍ୟ ଏକ ୱାର୍ଡରେ ରଖାଯାଇଥିଲା । ପ୍ରକାଶ ଥାଉକି କିଛିମାସ ପୂର୍ବରୁ ମଧ ସମାନ ଢ଼ଙ୍ଗରେ ସିଲିଂଖସି କିଛି ଲୋକ ଆହତ ହୋଇଥିବା ବେଳେ କିଛି ଲୋକ ଅଳ୍ପକେ ବର୍ତିଛନ୍ତି । ଏ ବାବଦରେ ଡାକ୍ତରଖାନାର ଅଧିକ୍ଷକ କାଶିନାଥ ପଣ୍ଡାଙ୍କୁ ପଚାରିବାରୁ ପୂର୍ବରୁ ଏହି କାମ କରାଯିବା ସମୟରେ ନିମ୍ନମାନର କାମ ହୋଇଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି । ମୁଁ ଏବାବଦରେ ଅବଗତ ହେବା ପରେ ଆଜି ଉକ୍ତ ୱାର୍ଡର ସମସ୍ତ ସିଲିଂକୁ ଖୋଲାଯାଇଛି । ଆଗାମୀ ଦିନରେ ଏହାକୁ ପୁନଶ୍ଚ ନିର୍ମାଣ କରାଯିବା ବୋଲି କହିଥିଲେ ।

# ଟିଖଳି ନିମ୍ନ ଇନ୍ଦ୍ର ପ୍ରକଳ୍ପରୁ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସିତ

ନୂଆପଡ଼ା(ନିପ୍ର) : ଲଘୁଚାପ ଜନିତ ବର୍ଷା ଓ ଆଗାମୀ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ନୂଆପଡ଼ା ଜିଲ୍ଲାର ପ୍ରସିଦ୍ଧ ଟିଖଳି ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସିତ ହୋଇଛି । ଡ୍ୟାମ୍‌ର ଜଳସ୍ତର ନିୟନ୍ତ୍ରଣ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖି ଜଳସେଚନ ବିଭାଗ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଜୟପୁରିଆଙ୍କ ସୂଚନା ଅନୁସାରେ, ଟିଖାଳି ପ୍ରକଳ୍ପର ମୋଟ



ଜଳଧାରଣ କ୍ଷମତା ୨୬୫ ମିଟର ରହିଥିବା ବେଳେ ବର୍ତମାନ ଜଳାଶୟରେ ୨୬୩.୫୫ ମିଟର ଜଳ ଗଚ୍ଛିତ ଅଛି । ଜଳାଶୟକୁ ପ୍ରତି ସେକେଣ୍ଡରେ ୬୧ ଘନ ଫୁଟ ଜଳ ପ୍ରବେଶ କରୁଥିବା ବେଳେ ଜଳସେଚନ ବିଭାଗ ପକ୍ଷରୁ ୫ ନମ୍ବର ଗେଟ୍‌କୁ ଖୋଲାଯାଇଛି । ଏହି ଗେଟ୍ ମାଧ୍ୟମରେ ସେକେଣ୍ଡକୁ ପ୍ରାୟ ୬୭ ଘନ ଫୁଟ ବନ୍ୟା ଜଳ ନିଷ୍କାସିତ ହେଉଛି । ଅଧିକ୍ଷଣ ଯନ୍ତ୍ରୀଙ୍କ କହିବା ଅନୁସାରେ 'ଉପରମୁଣ୍ଡରେ ବର୍ଷା ଓ ଜଳାଶୟକୁ ଜଳପ୍ରବାହ ବୃଦ୍ଧି ପାଉଥିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ଗୋଟିଏ ଗେଟ୍ ଖୋଲାଯାଇଛି । ଆଗାମୀ ଦିନରେ ବର୍ଷାର ପରିମାଣକୁ ଦେଖି ପରବର୍ତୀ ନିଷ୍ପତି ନିଆଯିବ । 'ଚଳିତ ଋତୁର ପ୍ରଥମ ବନ୍ୟା ଜଳ ନିଷ୍କାସନ ଦୃଶ୍ୟ ଦେଖିବା ପାଇଁ ଡ୍ୟାମ୍ ପରିସରରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା । ବୁଢ଼ି ଅଂଚଳର ବାସିନ୍ଦା ଈଶ୍ୱର ଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି ଯେ, ବନ୍ୟା ଜଳର ଏହି ଦୃଶ୍ୟ ବେଶ୍ ମନୋରମ ଓ ଏକ ଭିନ୍ନ ଅନୁଭୂତି ହେଉଛି ବୋଲି ସ୍ଥାନୀୟ ଲୋକେ କହୁଥିଲେ ।

# ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ହଜାର ହଜାର କାଉଡ଼ିଆଙ୍କ ସମାଗମ

ନୀଳଗିରି(ନିପ୍ର) : ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ହଜାର ହଜାର କାଉଡିଆଙ୍କ ବୋଲ ବମ୍ ହର ହର ବମ୍, ଭୋଲା ବାଙ୍କବା ପାର୍ ଳ କରେଗା...ଧ୍ୱନିରେ ପ୍ରକମ୍ପିତ ହେବା ସହ ଉତ୍ସବମୁଖର ହୋଇଉଠିଲା ଉତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଂଚଲିଙ୍ଗେଶ୍ୱର । ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ସୋନ ନଦୀରୁ ରିତି ନୀତି



ଅନୁଯାୟୀ ପୂଜାଅର୍ଚ୍ଚନା କରି ଜଳ ଆଣି ଚାଲି ଚାଲି ଆସି ରବିବାର ରାତ୍ରୀ ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି । ପାଣିର ସ୍ରୋତ ପ୍ରଖର ଥିବାରୁ ପଥର ଖୋଲ ମଧ୍ୟରେ ଆବିର୍ଭୁତ ହୋଇଥିବା ପାଂଚଟି ଲିଙ୍ଗଙ୍କୁ ରବିବାର ରାତ୍ରି ଠାରୁ କାଉଡିଆ ଓ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲିଙ୍ଗ ସ୍ପର୍ଶ ବନ୍ଦ ରଖାଯାଇଛି । କାଉଡିଆ ଓ ପର୍ଯ୍ୟଟକ କେବଳ ପୂଜା ମଣ୍ଡପ ପର୍ଯ୍ୟନ୍ତ ଜାଇ ପୂଜା କରିଥିଲେ । ନୂଆକରି ଆସିଥିବା କିଛି କାଉଡିଆ ଏଠାକାର ରମଣୀୟ ପ୍ରାକୃତିକ ପରିବେଶ ସହ ଚିରସ୍ରୋତା ଝରଣାର କୁଳୁକୁଳୁ ନାଦ କୁ ଦେଖି ବିଭୋର ହୋଇଥିଲେ । ଏହା ସହ ପଂଚଲୀଗେଂଶ୍ୱରକୁ ସଂଯୋଗ କରୁଥିବା ରାସ୍ତାରେ କାଉଡିଆଙ୍କ ଲମ୍ବା ଧାଡ଼ି ସହ ବହୁ ସ୍ଥାନରେ ରାସ୍ତା ପାର୍ଶ୍ୱରେ କାଉଡିଆଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ କରି ପାଣି, ଗଜାବୁଟ, ମୁଗ, ଚା', ପ୍ରସାଦ, ସରବତ ଦେଉଥିବାର ଦେଖିବାକୁ ମିଳିଛି ।

# ତୃତୀୟ ଶ୍ରୀକ୍ଷେତ୍ର ବାହୁଡ଼ା ଯାତ୍ରା ଶେଷ

ନୀଳଗିରି(ନିପ୍ର) : ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାଲେଶ୍ୱର ଜିଲ୍ଲା ନୀଳଗିରିରେ ମହାପ୍ରଭୁ ଙ୍କ ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ବଡ଼ଦାଣ୍ଡରେ ଶ୍ରୀମନ୍ଦିର ଆଡ଼କୁ ଶ୍ରଦ୍ଧାଳୁ ମାନେ ଟାଣି ଟାଣି ନେଇଥିଲେ । ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀ ବଡ଼ଦାଣ୍ଡ ଅଧାରାସ୍ତା ତଥା ଶଙ୍କରା ଖୁଂଟା ପୋଖରୀ ସମ୍ମୁଖ ରୁ ଚତୁର୍ଧାମୂର୍ତିକୁ ଜନ୍ମ ବେଦୀଠାରେ ପହଂଚାଇ ଥିଲେ । ବଡ଼ଦାଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ଏହି ବାହୁଡା ଯାତ୍ରା ରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସମେତ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିଉ କ, ଏନ.ଏ.ସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବାହୁଡାଯାତ୍ରା କୁ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ । ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରକାଶ କରିଥିଲେ ।

# ଜିଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର

ଖଇରା(ନିପ୍ର) : ସୋମବାର ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ଜିଲାପାଳ ସୁର୍ଯ୍ୟବଂଶୀ ମୟୁରବିକାଶ ଓ ଏସପି ପ୍ରତ୍ୟୁଷ ଦିବାକର ଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୋଟ ୧୫୫ ଅଭିଯୋଗର ଶୁଣାଣି କରାଯାଇଛି । ତେବେ ଜିଲାପାଳ ନିଜେ ଶୁଣାଣି କରିବା ପରିବର୍ତେଯେଉଁ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ହୋଇଛି ତାଙ୍କୁ ସମାଧାନର ଦାୟିତ୍ୱ ଦେବାକୁ ନେଇ ଅଭିଯୋଗକାରୀ ମାନଙ୍କ ତରଫରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ସମନ୍ୱିତ କୃଷି ପଦ୍ଧତିରେ ୨୦୨୫-୨୬ରେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହେବା ପରେ ଏଥିନେଇ ପଂଚାୟତ ସମିତି ବୈଠକରେ ଲୋକପ୍ରତିନିଧି ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଚଳିତ ୨୬-୨୭ ଆର୍ଥିକ ବର୍ଷରେ ହିତାଧିକାରୀ ଚୟନ ବେଳେ ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଦରକାର ବୋଲି ୬ନମ୍ବର ଜିଲା ପରିଷଦ ଜୋନ ସଦସ୍ୟା ସୁଷମା ମହାପାତ୍ର ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ । ବଟେଶ୍ୱର ଗ୍ରାମରେ କୃତ୍ରିମ ବନ୍ୟା ଏଡାଇବାକୁ ଗ୍ରାମ ସଂଲଗ୍ନ ସୋର-କୁପାରୀ ରାସ୍ତା କଡରେ ଡ୍ରେନେଜର ବ୍ୟବସ୍ଥା ପାଇଁ ଗ୍ରାମର ଦେବବ୍ରତ ଦାସ, ସ୍ୱପ୍ନାନ୍ତ ଦାସ ଓ ଦେବାଶିଷ ଦାସ ପ୍ରମୁଖ ଜିଲପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ସେହିଭଳି ଭୁଦେଇଶୂଳ ଗ୍ରାମ ନିକଟରେ ପରିତ୍ୟକ୍ତ ଖାଦାନ ରୁ ବର୍ଷାଜଳ ବହୁ ସମୟରେ ଗ୍ରାମକୁ ପଶିବା ଯୋଗୁଁ ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ନେଇ ଅଭିଯୋଗ ହେବା ପରେ ଏମଜିଏନଆରଜିଏସରେ ଏକ ଆଡିବନ୍ଧ ନିର୍ମାଣପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।

# ପ୍ରଶାସନର ପ୍ରତିଶ୍ରୁତି ଖିଲାପ, ଆନ୍ଦୋଳନ ପାଇଁ ସଜବାଜ

ଧାମନଗର(ନିପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ନଦୀଗାଁ ପଂଚାୟତର ଟେକି ଗଡ଼ିଆ ଠାରେ ଜନସାଧାରଣଙ୍କ ଦୃଢ଼ ବିରୋଧକୁ ଭୂକ୍ଷେପ ନକରି, ପ୍ରଶାସନ ଓ ପୋଲିସର ପ୍ରତ୍ୟକ୍ଷ ଉପସ୍ଥିତିରେ ଏକ ନୂତନ ସରକାରୀ ମଦ ଦୋକାନ ଖୋଲାଯାଇଛି । ଏହାକୁ ନେଇ ସମଗ୍ର ଅଂଚଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିବା ବେଳେ ସ୍ଥାନୀୟ ଜନସାଧାରଣ, ମହିଳା, ଯୁବସମାଜ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶାସନ ବିରୋଧରେ ପ୍ରବଳ କ୍ଷୋଭ ପ୍ରକାଶ ପାଇଛି । ପୂର୍ବରୁ ଏହି ମଦ ଦୋକାନଟି ଧୁଷୁରୀ-ହସନାବାଦ ରାସ୍ତାରେ ଅବସ୍ଥିତ ଥିଲା, ଯାହାକୁ ସ୍ଥାନୀୟ ଲୋକଙ୍କ ଦୃଢ଼ ବିରୋଧ ଯୋଗୁଁ ସେଠାରୁ ହଟାଯାଇଥିଲା । ଏହାପରେ ଏହାକୁ ନଦୀଗାଁ ଟେକିଗଡ଼ିଆ କୁ ସ୍ଥାନାନ୍ତର କରାଯାଇଥିଲା ।ଏହି ସ୍ଥାନରେ ମଦ ଦୋକାନ ନ ଖୋଲିବା ପାଇଁ ଅଂଚଳବାସୀ ଗତ ମାସାଧିକ କାଳରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିଲେ । ଏପରିକି ଏନେଇ ଧୁଷୁରୀ ଥାନା ଘେରାଉ କରାଯିବା ସହ ଭଦ୍ରକ ଜିଲ୍ଲାପାଳ, ଏସ.ପି., ବିଭାଗୀୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ନଦୀଗାଁ ଓ ଭଟସାହି ପଂଚାୟତର ଜନସାଧାରଣ ଲିଖିତ ଭାବେ ଅବଗତ କରାଇଥିଲେ । ପ୍ରଶାସନ ପକ୍ଷରୁ ସେଠାରେ ମଦ ଦୋକାନ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଥିଲା । କିନ୍ତୁ



ସମସ୍ତ ପ୍ରତିଶ୍ରୁତିକୁ ଜଳାଞ୍ଜଳି ଦେଇ ଗତ ଦୁଇ ଦିନ ହେବ ରାତିରେ କିମ୍ବା ଗୁପ୍ତରେ ନୁହେଁ, ବରଂ ପୋଲିସ ଉପସ୍ଥିତିରେ ଦୋକାନ ଆଗରେ ଏକ ନୀଳ ପାଲ ଟାଙ୍ଗି ବଳପୂର୍ବକ ଏହାକୁ ଖୋଲାଯାଇଛି । ସବୁଠାରୁ ଦୁଃଖର ବିଷୟ ଯେ, ଯେଉଁ ସ୍ଥାନରେ ଏହି ମଦ ଦୋକାନ ଖୋଲା ଯାଇଛି । ତାହା ନଦୀଗାଁ-ଧୁଷୁରୀ ମୁଖ୍ୟ ରାସ୍ତା କଡ଼ରେ ଅଛି । ଏହି ରାସ୍ତା ଦେଇ ଦୈନନ୍ଦିନ ଅଂଚଳର ଶହ ଶହ କୁନି କୁନି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାଆସିବା କରିଥାଆନ୍ତି । ଏହା ସହିତ ନିକଟରେ ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଏବଂ ପବିତ୍ର ମନ୍ଦିର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଗୁଡ଼ିକ ରହିଛି । ଏଭଳି ଏକ ପବିତ୍ର ଓ ଶିକ୍ଷାମୂଳକ ପରିବେଶ ମଧ୍ୟରେ ମଦ ଦୋକାନ ଚାଲୁ ରହିବା ପିଲାମାନଙ୍କ ଭବିଷ୍ୟତ ଏବଂ ସାମାଜିକ ଶାନ୍ତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି । ପ୍ରଶାସନର ଏଭଳି ଏକଚାଟିଆ ଓ ଜନମତ ବିରୋଧୀ ନିଷ୍ପତି ପରେ ଅଂଚଳର ମହିଳା ଓ ଯୁବକମାନେ ଏକଜୁଟ୍ ହୋଇ ଗୁପ୍ତ ବୈଠକ ମାନ ଆରମ୍ଭ କରିଛନ୍ତି । ପ୍ରଶାସନର ଏପରି ଜନବିରୋଧୀ କାର୍ଯ୍ୟ ଯୋଗୁଁ ଯେକୌଣସି ମୁହୂର୍ତରେ ଏହା ଏକ ବିରାଟ ଜନଆନ୍ଦୋଳନ ର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି । ସ୍ଥାନୀୟ ସରପଂଚ ଝରଣା ମାଝୀ କହିଛନ୍ତି ଯେ ଯେମିତି ହେଉ ସେଠାରୁ ମଦ ଦୋକାନ ହଟା ଯିବବୋଲି କହିଛନ୍ତି ।

# ରଙ୍ଗେଇଲୁଣ୍ଡାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

### ୩୩୮ଟି ଅଭିଯୋଗ ଗ୍ରହଣ, ୫୧ଟିର ଘଟଣାସ୍ଥଳରେ ସମାଧାନ

ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.) : ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଭି. କୀର୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼. ଶ୍ରବଣ ବିବେକ ଏମ୍?, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ । ଶିବିରରେ ମୋଟ ୩୩୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।



ସେଥିମଧ୍ୟରୁ ୩୧୪ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଏବଂ ୨୪ଟି ଗ୍ରାମ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା । ୫୧ଟି ଅଭିଯୋଗର ଘଟଣାସ୍ଥଳରେ ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୭,୫୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ୯ ଜଣଙ୍କୁ ରାସନ କାର୍ଡ ବଂଟନ କରାଯାଇଥିବାବେଳେ ୪୨ ଜଣ ହିତାଧିକାରୀଙ୍କୁ ନୂତନ ବର୍ଦ୍ଧିତ ଭତା ମଞ୍ଜୁର କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଭାସନ ଅବଶିଷ୍ଟ ଅଭିଯୋଗଗୁଡ଼ିକର ତ୍ୱରିତ ତଦନ୍ତ କରି ଯଥାଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ସ୍ୱଦେଶୀ ଜାଗରଣ ମଂଚର ଜିଲ୍ଲା ବୈଠକ ଅନୁଷ୍ଠିତ

ରାୟଗଡ଼ା (ନି.ପ୍ର) ସ୍ୱଦେଶୀ ଜାଗରଣ ମଂଚ -ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲ୍ଲା ବୈଠକ ରାୟଗଡସ୍ଥିତ ପ୍ରଦକ୍ଷଣ ଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ମନୋଜ କୁମାର ନାଏକ ଯୋଗଦେଇ ସ୍ୱଦେଶୀ ଜାଗରଣ ମଂଚ, ସ୍ୱାବଲମ୍ବୀ ଭାରତ ଅଭିଯାନ ଓ ମୁଁ ମଧ ସ୍ୱଦେଶୀ ସମର୍ଥକ ଡିଜିଟାଲ ସମ୍ପର୍କ ଅଭିଯାନ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଳା ମିଣିଆକା, ବିଜେପି ଜିଲ୍ଲା ସଭାପତି ଶ୍ରୀ ଗୋପୀ ଆନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଶ୍ରି ଶଙ୍କର ଉଲାକା, ଭାରତୀୟ ମଜଦୁର ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଆଇନଜୀବୀ ଅରୁଣ କୁମାର ଲେଙ୍କା, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ ମୁଁ ସ୍ୱଦେଶୀ ସମର୍ଥକ ଅଭିଯାନକୁ ସଫଳ ନିଜର ସଙ୍ଗଠନ ଓ ନିଜ ପରିସର ମଧ୍ୟରେ



ଲକ୍ଷାଧିକ ଲୋକଙ୍କୁ ଯୋଡ଼ିବା ପାଇଁ ସଂକଳ୍ପ ନେଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ଯୋଗଦେଇଥିବା ପ୍ରତିନିଧିମାନେ ନିଜ ନିଜ ବ୍ଲକରେ ମୁଁ ବି ସ୍ୱଦେଶୀ ସମର୍ଥକ ଅଭିଯାନକୁ ବ୍ୟାପକ ଭାବରେ କରିବା ପାଇଁ ସଂକଳ୍ପ ନେଇଥିଲେ କ୍ଷ ଏହି ଅବସରରେ ଉଦ୍ୟୋଗୀ ଯୁବ ଉଦ୍ୟୋଗୀ ସ୍ୱାଗତ ଶେଖର ଜେନା, ଅଞ୍ଜଳି ପଣ୍ଡା, ରାକେଶ କୁମାର ବେହେରା, ଅକ୍ଷୟ କୁମାର ପାତ୍ର, ଦୁଷ୍ମନ୍ତ ସିକକା, ଚିଦାନନ୍ଦ ରାଉତ, ଜଗଦୀଶ ମାଣ୍ଡାଙ୍ଗିପ୍ରଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଏହି ବୈଠକରେ ବିଭିନ୍ନ ବ୍ଲକରୁ ଯୁବ ସ୍ୱାବଲମ୍ବୀ ଶିକ୍ଷାବିତ, ଆଇନଜୀବୀ, ସାମାଜିକ କାର୍ଯ୍ୟକର୍ତ୍ତା, ସାମ୍ବାଦିକ ପ୍ରମୁଖ ଅଂଶ ଗ୍ରହଣ କରିଥିବା ଚୟନିତ କାର୍ଯ୍ୟକର୍ତ୍ତା ସୁଦର୍ଶନ ପାଢ଼ୀ,ଦେବଗିରି ପଟ୍ଟନାୟକ, ଜଗଦୀଶ ମାଣ୍ଡାଙ୍ଗୀ, ଅଞ୍ଜଳି ପଣ୍ଡା, ସ୍ୱାଗତ ଶେଖର ଜେନା ବିଜୟ କୁମାର ଦାସ, ଶିବ ନାରାୟଣ ଗୌଡ଼, ବିପିନ ବିହାରୀ ବିଶ୍ୱାଳଙ୍କୁ ଜିଲ୍ଲା ସ୍ୱଦେଶୀ ଜାଗରଣ ମଂଚର ଜିଲ୍ଲା ସମିତି ଓ ରାମନାଗୁଡ଼ା ଶକ୍ତି ପ୍ରସାଦ ପାତ୍ର, କଲ୍ୟାଣସିଂହପୁର ଦୁଷ୍ମନ୍ତ ସିକକା, ପଦ୍ମପୁର ଲକ୍ଷ୍ମୀକାନ୍ତ ଶବର, ମୁନିଗୁଡ଼ା ଅକ୍ଷୟ ପାତ୍ର, ରାୟଗଡ଼ା ପି. ମୁରଲୀଙ୍କୁ ଯଥାକ୍ରମେ ସଂଯୋଜକ ଭାବରେ ଦାୟିତ୍ୱ ଦିଆଯାଇଥିଲା । ସୁଦର୍ଶନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ସାମୂହିକ ବନ୍ଦେ ମାତରମ୍ ଗାନ ପରେ କାର୍ଯ୍ୟକ୍ରମ ପରେ ସହଭୋଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କୋଲାବିରା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ ଓ କାର୍ଯ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ କୋଲାବିରା ବ୍ଲକ୍ ?ର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ପ୍ରଥମେ ସମାସିଂହା ସ୍ଥିତ କେ.ଜି. ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ ନୂତନ ଭାବେ ନିର୍ମିତ ହେବାକୁ ଥିବା ମଧ୍ୟାହ୍ନ ଭୋଜନ ରନ୍ଧନ ଗୃହ ଏବଂ ଖାଇବା ସ୍ଥାନ ପାଇଁ ଜାଗା ଦେଖିବା ସହ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ତୁରନ୍ତ ଶେଷ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜିଲ୍ଲାପାଳ କୋଲାବିରା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ଆୟୋଜିତ ଗଣେଶ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ । କର୍ମଚାରୀଙ୍କ ସହ



ଆଲୋଚନା କରି କାର୍ଯ୍ୟାଳୟ ପରିସରର ସୌନ୍ଦର୍ଯ୍ୟୀକରଣ, 'ଗୋଦାବରୀଶ ଶିକ୍ଷା ସଦନ' ପାଇଁ ଜମି ଚିହ୍ନଟ ପ୍ରକ୍ରିୟାର ଅଗ୍ରଗତି ଏବଂ ମାଟ୍ରିକ ପରୀକ୍ଷାରେ ଅଧିକରୁ ଅଧିକ ଇ୧ ଗ୍ରେଡ୍ ସଫଳତା ପାଇଁ ଯୋଜନା କରିବାକୁ ପରାମର୍ଶ ଦେଇଥିଲେ । ତା ପରେ ଏନ୍.ଏଲ୍. ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଂଚି ଜିଲ୍ଲାପାଳ 'ପ୍ରଧାନମନ୍ତ୍ରୀ ପୋଷଣ' ଯୋଜନା ଅଧୀନରେ ଆୟୋଜିତ ତିଥି ଭୋଜନରେ ଅଂଶଗ୍ରହଣ କରିଥିଲେ । ମଧ୍ୟାହ୍ନ ଭୋଜନ ଗ୍ରହଣ କରିବା ପୂର୍ବରୁ 'ଭୋଜନ ମନ୍ତ୍ର' ପାଠ କରିଥିଲେ । ବିଦ୍ୟାଳୟ କମିଟି ଦ୍ୱାରା ପ୍ରସ୍ତାବିତ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ ଏବଂ ବହୁମୁଖୀ ଗୃହ ନିର୍ମାଣ ଦାବିକୁ ଗ୍ରହଣ କରି ଏହାପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଶେଷରେ ସିରିଆପାଲି ହାଇସ୍କୁଲ ପରିଦର୍ଶନ କରି ଜିଲ୍ଲାପାଳ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ସଂସ୍କୃତ ଭାଷାରେ ବାର୍ତ୍ତାଳାପ କରି ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ଶ୍ରେଣୀଗୃହ ବୁଲି ଦେଖିବା ସହ ପରୀକ୍ଷାରେ ବିଦ୍ୟାଳୟର ସଫଳତା ହାର ବୃଦ୍ଧି ପାଇଁ ଶିକ୍ଷକମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, କୋଲାବିରା ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁ, ତହସିଲଦାର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରାଣୀ ଉଦ୍ଧାର ଯାନର ଶୁଭାରମ୍ଭ; ପଶୁଙ୍କୁ ମିଳିବ ଚିକିତ୍ସା ସେବା

ବ୍ରହ୍ମପୁର / ରଙ୍ଗେଇଲୁଣ୍ଡା (ନି.ପ୍ର.): ମଣିଷଙ୍କ ପାଇଁ ବର୍ଷ ବର୍ଷ ଧରି ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ଥିବାବେଳେ ଆହତ ଓ ରୋଗାକ୍ରାନ୍ତ ପଶୁଙ୍କ ଉଦ୍ଧାର ପାଇଁ କୌଣସି ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ନଥିଲା । ପରବର୍ତ୍ତୀ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପରେ ପଶୁଙ୍କ ପାଇଁ ୧୯୬୨ ଟୋଲ୍-ଫ୍ରି ସହାୟତା ନମ୍ବର ଜାରି କରାଯିବା ସହ ରାଜ୍ୟର ୩୧୪ଟି ବ୍ଲକରେ ପ୍ରାଣୀ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା ।

ତେବେ ସେହି ଆମ୍ବୁଲାନ୍ସଗୁଡ଼ିକରେ ହାଇଡ୍ରୋଲିକ୍ ଲିଫ୍ଟ କିମ୍ବା ବଡ଼ ପଶୁଙ୍କୁ ସୁରକ୍ଷିତ ଭାବେ ଉଠାଇବାର ବ୍ୟବସ୍ଥା ନଥିବାରୁ ଦୁର୍ଘଟଣାଗ୍ରସ୍ତ ଗାଇ, ବଳଦ, ମଇଁଷି ଓ ଅନ୍ୟାନ୍ୟ ବଡ଼ ପଶୁଙ୍କୁ କେବଳ ପ୍ରାଥମିକ ଚିକିତ୍ସା ମିଳୁଥିଲା । ଫଳରେ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ପଶୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ସମ୍ଭବ ହେଉନଥିବାରୁ ଅନେକ ପଶୁ ଉପଯୁକ୍ତ ଚିକିତ୍ସାରୁ ବଂଚିତ ରହୁଥିଲେ । ଏହି ସମସ୍ୟାକୁ



ନେଇ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ପଶୁପ୍ରେମୀ ତଥା ଜିଲ୍ଲା ଏସପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ ସରକାର ଏବଂ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭିନ୍ନ ସମୟରେ ସେ ହାଇଡ୍ରୋଲିକ୍ ଲିଫ୍ଟ ସମ୍ବଳିତ ଉନ୍ନତ ପ୍ରାଣୀ ଉଦ୍ଧାର ଯାନର ଆବଶ୍ୟକତା ଉପସ୍ଥାପନ କରିଥିଲେ । ସରକାର ଓ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ବିଚାର କରି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ମହାନଗର ନିଗମ, ଖଲ୍ଲିକୋଟ ଏନଏସି, ପୋଲସରା ଏନଏସି ଓ ଗୋପାଳପୁର ଏନଏସିକୁ ସ୍ୱତନ୍ତ୍ର ପ୍ରାଣୀ ଉଦ୍ଧାର ଯାନ ପ୍ରଦାନ କରିଛନ୍ତି । ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମ, ଖଲ୍ଲିକୋଟ ଓ ପୋଲସରା ଏନଏସିରେ ଏହି ସେବା ସଫଳତାର ସହ କାର୍ଯ୍ୟକାରୀ ହୋଇଥିବାବେଳେ ସୋମବାର ଦିନ ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଗୋପାଳପୁର ଏନଏସି ପକ୍ଷରୁ ପ୍ରାଣୀ ଉଦ୍ଧାର ଯାନର ଶୁଭାରମ୍ଭ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତି ଭାସନ ପତାକା ଦେଖାଇ କରିଥିଲେ ।

ଏହି ଉଦ୍ଧାର ଯାନରେ ହାଇଡ୍ରୋଲିକ୍ ଲିଫ୍ଟ ସହ ଆବଶ୍ୟକୀୟ ଉଦ୍ଧାର ଉପକରଣ ଓ ଜରୁରୀ ଚିକିତ୍ସା ସୁବିଧା ଉପଲବ୍ଧ ଥିବାରୁ ଦୁର୍ଘଟଣାଗ୍ରସ୍ତ, ଅସୁସ୍ଥ ଓ ଅସହାୟ ପଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପଶୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦିଆଯିବ । ଚିକିତ୍ସା ପରେ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ଗୋଶାଳାକୁ ସ୍ଥାନାନ୍ତର କରାଯିବ ।ପଶୁ କଲ୍ୟାଣ କ୍ଷେତ୍ରରେ ଏହି ପଦକ୍ଷେପକୁ ଗଞ୍ଜାମ ଜିଲ୍ଲା ପାଇଁ ଏକ ମାଇଲଖୁଂଟ ବୋଲି ବିବେଚନା କରାଯାଉଛି । ସାଧାରଣ ଲୋକମାନେ ଆହତ କିମ୍ବା ସଙ୍କଟାପନ୍ନ ପଶୁ ଦେଖିଲେ ୧୯୬୨ ଟୋଲ୍-ଫ୍ରି ସହାୟତା ନମ୍ବରରେ ଯୋଗାଯୋଗ କରି ଏହି ସେବାର ସୁବିଧା ନେବାକୁ ଆହ୍ୱାନ କରାଯାଇଛି । ଏହି ଅବସରରେ ଗଞ୍ଜାମ ଜିଲ୍ଲାପାଳ କୀର୍ତି ଭାସନ ଭି. କହିଥିଲେ ଯେ, ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୩ଟି ଏନଏସି ଓ ଗୋଟିଏ ମ୍ୟୁନିସିପାଲିଟିରେ ପ୍ରାଣୀ ଉଦ୍ଧାର ଯାନର ଶୁଭାରମ୍ଭ ହୋଇସାରିଛି । ଖୁବ୍ ଶୀଘ୍ର ଜିଲ୍ଲାର ଅବଶିଷ୍ଟ ୧୧ଟି ଏନଏସି ଓ ୬ଟି ମ୍ୟୁନିସିପାଲିଟିରେ ମଧ ଏହି ସେବା ଆରମ୍ଭ କରାଯିବ । ଏହା ଫଳରେ ଜିଲ୍ଲାର ଆହତ ଓ ଅସୁସ୍ଥ ପଶୁପକ୍ଷୀଙ୍କୁ ତ୍ୱରିତ ଉଦ୍ଧାର ଓ ଉନ୍ନତ ଚିକିତ୍ସା ସେବା ଯୋଗାଇବା ଅଧିକ ସହଜ ହେବ । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ଼. ଶ୍ରବଣ ବିବେକ ଏମ୍., ଛତ୍ରପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଗଞ୍ଜାମ ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡ଼. ଅଞ୍ଜନ ଦାସ, ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ ଡ଼. ଭବାନୀ ଶଙ୍କର ଷଡ଼ଙ୍ଗୀ, ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଡ଼. କିରଣ ବିଶୋୟୀ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଜାନକୀ ରାମ, ବ୍ରହ୍ମପୁର ମହାନଗର ନିଗମର ଉପ-ଆୟୁକ୍ତ ଆଶୀର୍ବାଦ ପରିଡ଼ା, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ, ଗୋପାଳପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ନାହାକ, ଜିଲ୍ଲା ଏସ୍‌ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ାରେ ନୂତନ ପ୍ରେସ ଗୃହ ଉଦ୍ଘାଟିତ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାରେ ଗଣମାଧ୍ୟମ କ୍ଷେତ୍ର ପାଇଁ ଏକ ଐତିହାସିକ ଓ ଆନନ୍ଦଦାୟକ ଅଧ୍ୟାୟର ଆଜି ଶୁଭାରମ୍ଭ ହୋଇଯାଇଅଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ଆଧୁନିକ ପ୍ରେସ ଗୃହ ସୋମବାର ଶୁଭ ଉଦ୍ଘାଟନ କରାଯାଇଛି । ଏହା ସାମ୍ବାଦିକମାନଙ୍କ ଦୀର୍ଘଦିନର ଆଶା ଓ ଆବଶ୍ୟକତାକୁ ପୂରଣ କରିବା ସହିତ ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ସୁସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ମଧ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାପାଳ ଫିତା କାଟି ନୂତନ ପ୍ରେସ ଗୃହର ଔପଚାରିକ



ଉଦ୍ଘାଟନ କରିଥିଲେ । ଉଦ୍ଘାଟନ ପରେ ସେ ପ୍ରେସ ଗୃହର ବିଭିନ୍ନ ସୁବିଧା ପରିଦର୍ଶନ କରି ସାମ୍ବାଦିକମାନଙ୍କ ସହ ମତବିନିମୟ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଜନସମ୍ପର୍କ ଅଧିକାରୀ ଅଜୟ ଜେନା ଏବଂ ବରିଷ୍ଠ ସାମ୍ବାଦିକ ଜୀବନ ମହାନ୍ତି ଓ ଉପନ ସାହୁଙ୍କୁ ସେମାନଙ୍କ ଦୀର୍ଘଦିନର ସାମ୍ବାଦିକତା ଓ ସମାଜ ପ୍ରତି ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ବିଶେଷ ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଏକ ସଶକ୍ତ ସ୍ତମ୍ଭ । ସମାଜକୁ ସଠିକ୍, ନିରପେକ୍ଷ ଓ ଦାୟିତ୍ୱବୋଧ ସହିତ ସୂଚନା ପହଂଚାଇବାରେ ସାମ୍ବାଦିକମାନଙ୍କ ଭୂମିକା ଅତୁଳନୀୟ । ନୂତନ ପ୍ରେସ ଗୃହ ସାମ୍ବାଦିକମାନଙ୍କୁ ଖବର ସଂଗ୍ରହ, ପ୍ରସ୍ତୁତି, ସମନ୍ୱୟ ଏବଂ ପ୍ରଶାସନିକ କାର୍ଯ୍ୟକ୍ରମର କଭରେଜ୍ ?ରେ ଅଧିକ ସୁବିଧା ଯୋଗାଇବ । ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ସୂଚନାର ସେତୁ ଭାବେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କ ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଉପଯୋଗୀ ବୋଲି ସେ କହିଥିଲେ । ନବନିର୍ମିତ ପ୍ରେସ ଗୃହରେ ସାମ୍ବାଦିକମାନଙ୍କ ବସିବା, ସମ୍ବାଦ ପ୍ରସ୍ତୁତି, ବୈଠକ, କାର୍ଯ୍ୟ ଏବଂ ଅନ୍ୟାନ୍ୟ ବୃତିଗତ କାର୍ଯ୍ୟ ସୁବିଧାଜନକ ଭାବେ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହା ଫଳରେ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସୁଥିବା ସାମ୍ବାଦିକମାନେ ଅଧିକ ସୁବିଧାଜନକ ପରିବେଶରେ କାର୍ଯ୍ୟ କରିପାରିବେ । ଦୀର୍ଘ ଦିନ ଧରି ସାମ୍ବାଦିକମାନଙ୍କ ପକ୍ଷରୁ ପୃଥକ ପ୍ରେସ ଗୃହର ଦାବି ଉଠିଆସୁଥିଲା । ଜିଲ୍ଲା ପ୍ରଶାସନ ସେହି ଆବଶ୍ୟକତାକୁ ଗୁରୁତ୍ୱର ସହ ବିଚାର କରି ଏହାକୁ ବାସ୍ତବ ରୂପ ଦେଇଥିବାରୁ ସାମ୍ବାଦିକ ସମାଜ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ସେମାନଙ୍କ ମତରେ, ଏହି ପ୍ରେସ ଗୃହ କେବଳ ଏକ ଭବନ ନୁହେଁ, ବରଂ ଗଣମାଧ୍ୟମର ବୃତିଗତ କାର୍ଯ୍ୟକଳାପକୁ ଆହୁରି ଗତିଶୀଳ କରିବାର ଏକ ସକାରାତ୍ମକ ପ୍ଲାଟଫର୍ମ ।ଉଦ୍ଘାଟନୀ ସମାରୋହରେ ଜିଲ୍ଲା ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ ମହାନ୍ତି, ବସନ୍ତ ଜେନା, କାର୍ଯ୍ୟକାରୀ ସଭାପତି ପ୍ୟାରେଲାଲ ଶ୍ରୀବାସ୍ତବ, ସାଧାରଣ ସମ୍ପାଦକ ଭରତ ପାତ୍ର, ସମ୍ପାଦକ ପ୍ରୀତମ ପଣ୍ଡା, ରବି ନାରାୟଣ ସାହୁ, ଅନୀଲ ଅଗ୍ରୱାଲ, ଉମାକାନ୍ତ ପଣ୍ଡା, ରାଜୀବ ସିଂ, ମହେନ୍ଦ୍ର ସାଏ, ଉପନ ସାହୁ, ତ୍ରିଲୋଚନ ଦାସ, ବିଜୟ ସାହୁ, ଅନିଲ ମହାରଣା, ଜିତେନ୍ଦ୍ର ସାହୁ, ଦେବୁନ ବକ୍ସି, ବିକ୍ରମ ମହାପାତ୍ର, ଡିଲେଶ୍ୱର ବାଗଙ୍କ ସମେତ ବହୁ ବରିଷ୍ଠ ଓ ଯୁବ ସାମ୍ବାଦିକ ଉପସ୍ଥିତ ଥିଲେ । ଏହାସହ ବକ୍ସି ବେସନ, ନିରଞ୍ଜନ ପଟେଲଙ୍କ ସମେତ ଜିଲ୍ଲାର ବହୁ ପ୍ରିଂଟ, ଇଲେକ୍ଟ୍ରୋନିକ୍ ଓ ଡିଜିଟାଲ୍ ମିଡିଆ ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ନୂତନ ପ୍ରେସ ଗୃହର ଉଦ୍ଘାଟନ ଝାରସୁଗୁଡ଼ା ଜିଲ୍ଲାରେ ଗଣମାଧ୍ୟମର ବିକାଶ, ସାମ୍ବାଦିକଙ୍କ ବୃତିଗତ ପରିବେଶର ଉନ୍ନତି ଏବଂ ପ୍ରଶାସନ–ଗଣମାଧ୍ୟମ ମଧ୍ୟରେ ସୁଦୃଢ଼ ସମନ୍ୱୟର ଏକ ନୂତନ ଅଧ୍ୟାୟ ଭାବେ ବିବେଚିତ ହେଉଛି । ସମସ୍ତଙ୍କ ଆଶା, ଏହି ପଦକ୍ଷେପ ଭବିଷ୍ୟତରେ ଜନହିତକର ସାମ୍ବାଦିକତାକୁ ଆହୁରି ସଶକ୍ତ କରିବ ।

## ଶ୍ରୀଜଗନ୍ନାଥ ମନ୍ଦିର ମଣ୍ଡପ ରେ ୩୧ତମ ଭଜନ ସନ୍ଧ୍ୟା ସମାରୋହ ପାଳିତ

ନୀଳଗିରି,(ନି.ପ୍ର.): ନୀଳଗିରି ରେ ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ନବଯୌବନ ଭଜନ ସନ୍ଧ୍ୟା କମିଟି ର ୩୧ତମ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଟିକୁ କମିଟି ର ସଭାପତି ସରୋଜ କୁମାର ସେଠୀ, ସମ୍ପାଦକ ଅଭିଷେକ ମହାପାତ୍ର, ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ଜଳନ କରି ଶୁଭାରମ୍ଭ କରିଥିଲେ । ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଭାପତି ଶ୍ରୀଯୁକ୍ତ ସେଠୀ କଳାକାର ମାନଙ୍କୁ ଉତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । କମିଟି ର ସଦସ୍ୟ ସଞ୍ଜୀବ ବେହେରା ଙ୍କ ଗତ ତା୨୧/୦୭/୨୬ ରିଖ ହୃଦଘାତ ରେ ପରଲୋକ ଘଟିଥିବାରୁ ୧ ମିନିଟ୍ ନୀରବ ପ୍ରାର୍ଥନା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସମ୍ପାଦକ ଶ୍ରୀ ମହାପାତ୍ର କମିଟି ର ବାର୍ଷିକ ବିବରଣୀ ପାଠ କରିଥିଲେ । ବରିଷ୍ଠ ସଦସ୍ୟ ମନୋଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶା ର ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓ ଶିବ ପ୍ରସାଦ ଦାସ ଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା, ଆଜୀବନ ସଦସ୍ୟ ଡକ୍ଟର ଅମିତାଭ ଗିରି ମଧ ଏକ ସୁନ୍ଦର ଶ୍ରୀ ଜଗନ୍ନାଥ ଙ୍କ ଭଜନ ଗାନ କରିଥିଲେ । କମିଟି ର ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ରାଉତ, ଗୋପୀନାଥ ପାତ୍ର, କମଳାକାନ୍ତ ବାରିକ୍, ପୂଣ୍ୟଶ୍ଳୋକ ନନ୍ଦ, କୁମାର ରାଏ, ଦିବ୍ୟ ମହାପାତ୍ର, ଅବିନାଶ ନନ୍ଦ, ସୁବ୍ରମଣ୍ୟମ ଦାସବାବୁ, ବିବେକାନନ୍ଦ କର, ପୁରୁଷୋତମ ଦାସ, ମାନସ ଶତପଥୀ, ମନୋରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ । ପ୍ରତିକୂଳ ପାଗ ସତ୍ୱେ ବହୁ ସଂଖ୍ୟାରେ ଶ୍ରୋତାଗଣ ବଡ଼ଦାଣ୍ଡ ରେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ ।

# ସାଇ ଗାୟତ୍ରୀ ପରିବାର ପକ୍ଷରୁ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବଂଟନ

ବୋରିଗୁମ୍ମା(ନି.ପ୍ର.)ବୋରିଗୁମ୍ମା ସାଇ ଗାୟତ୍ରୀ ପରିବାର ପକ୍ଷରୁ ଗରିବ ମାଟ୍ରିକ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରାଯାଇଛି ।ବରିଷ୍ଠ ଆଇନଜୀବୀ ତଥା ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ଲାଲୁ ଷଡଙ୍ଗୀ ଙ୍କ ଦୁଲ୍ଲାଗୁଡ଼ା ସ୍ଥିତ ବାସଭବନ ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁ ସଭାପତିତ୍ୱ କରିଥିଲେ ।ମୁଖ୍ୟ ଅତିଥି ଭାବେ ଜୟପୁର ଡିଆଇଇଟି ଅଧ୍ୟକ୍ଷା ମମତା ଝଡ଼ିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏପିଡି ଗୋ ?ରୀ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୋ ?ରୀ ଶଙ୍କର ସାମନ୍ତରାୟ, ଶିକ୍ଷାବିତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ ।ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ଲାଲୁ ଷଡଙ୍ଗୀ ନିଜ ବକ୍ତବ୍ୟ ରେ କହିଥିଲେ ଯେ ସାଇ ଗାୟତ୍ରୀ ପରିବାର ୨୦୧୧ ପ୍ରତିଷ୍ଠା କରାଯାଇଥିଲା ।ଆଧ୍ୟାତ୍ମ, ସେବା ଓ ରାଷ୍ଟ୍ରବାଦ ହେଉଛି ସାଇ ଗାୟତ୍ରୀ ପରିବାର ର ମୂଳ



ଲକ୍ଷ୍ୟ ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ ।ବିଭିନ୍ନ ସମୟରେ ଗରିବ ଛାତ୍ରଛାତ୍ରୀ ଙ୍କୁ ପାଠ ପଢ଼ାଇବା,ଦିବ୍ୟାଙ୍ଗ ଙ୍କୁ ଉପକରଣ ପ୍ରଦାନ କରିବା ସହ ଅନ୍ୟାନ୍ୟ ସେବାରେ ସାଇ ଗାୟତ୍ରୀ ପରିବାର ଜଡିତ ।ଆଜି ବୋରିଗୁମ୍ମା ବ୍ଲକ ର ଗରୀବ ମାଟ୍ରିକ ଛାତ୍ରଛାତ୍ରୀ ଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରାଯିବ ବୋଲି କହିଥିଲେ ।ମୁଖ୍ୟ ଅତିଥି ଭାବେ ଡିଆଇଇଟି ର ଅଧ୍ୟକ୍ଷା ମମତା ଝଡ଼ିଆ କହିଥିଲେ ଯେ ସାଇ ଗାୟତ୍ରୀ ପରିବାର ପକ୍ଷରୁ ଏହିପରି ସେବା ଙ୍କୁ ସେ ସମ୍ମାନ କରନ୍ତି ।ଗରିବ ମାଟ୍ରିକ ଛାତ୍ରଛାତ୍ରୀ ଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ ଏକ ମହାନ ସେବା ବୋଲି କହିଥିଲେ ।ପରେ ଅତିଥି ମାନେ ବ୍ଲକ ୩୧ ଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟ ରୁ ଆସିଥିବା ୭୦ ଜଣ ଗରୀବ ମାଟ୍ରିକ ଛାତ୍ରଛାତ୍ରୀ ଙ୍କୁ ମାଗଣାରେ ଟେଷ୍ଟପେପର ବଂଟନ କରିଥିଲେ ।ମାନସ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସାଇ ଗାୟତ୍ରୀ ପରିବାର ର ଲାଲୁ ଷଡଙ୍ଗୀ ଙ୍କ ସହଧର୍ମିଣୀ ଗୀତାଞ୍ଜଳି ମିଶ୍ର, ବିଜୟ ନାରାୟଣ ସାହୁ, ମୁନା ଦୋରା, ରଞ୍ଜନ କୁମାର ମିଶ୍ର, ଜି ମୋହନ ଦୋରା, ଚିଂଟୁ ପାଣିଗ୍ରାହୀ, ବୃନ୍ଦାବନ ପଣ୍ଡା,ଆନନ୍ଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ ।

## ନାଇଡୁ କମିଶନ ରିପୋର୍ଟ ଫାଇଲ ଗାଏବ ଘଟଣା

# କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: କ୍ରାଇମବ୍ରାଂଚ କରିବ ନାଇଡୁ କମିଶନ ରିପୋର୍ଟ ଫାଇଲ ଗାଏବ ଘଟଣାର ତଦନ୍ତ । ଏହି ବହୁ ଚର୍ଚ୍ଚିତ ଘଟଣାର କ୍ରାଇମବ୍ରାଂଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ଫାଇଲଟି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ମୃତ୍ୟୁ ମାମଲା ତଦନ୍ତ ସମ୍ପର୍କିତ ଫାଇଲ୍ । ଏହି ଫାଇଲ୍ ହଜିବା ଘଟଣାରେ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏହି ଘଟଣାର ତଦନ୍ତ କରୁଥିଲା । ମାତ୍ର ଏବେ ମୁଖ୍ୟମନ୍ତ୍ରୀ ଏହାକୁ କ୍ରାଇମବ୍ରାଂଚକୁ ହସ୍ତାନ୍ତର କରିଛନ୍ତି ।

## ଦୁଇ ବର୍ଷିଆ ବି.ଏଡ୍, ବି.ଏଚ.ଏଡ୍, ଏମ୍. ଏଡ୍ ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି




ଭୁବନେଶ୍ୱର: ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଦୁଇ ବର୍ଷିଆ ବି.ଏଡ୍, ବି.ଏଚ.ଏଡ୍, ଏମ୍. ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ଦୁଇ ବର୍ଷିଆ ବି.ଏଡ୍, ବି.ଏଚ.ଏଡ୍, ଏମ୍. ଏଡ୍ ପାଠ୍ୟକ୍ରମରେ ନାମଲେଖା ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ କରାଯିବ । ୨୭ ଜୁଲାଇ ଅପରାହ୍ନ ୩.୦୦ ଘଟିକା ଠାରୁ ୫ ଅଗଷ୍ଟ ରାତି ୧୧.୪୫ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟଲକୁ ଯାଇ ନିଜ ପସନ୍ଦର ଉଚ୍ଚଶିକ୍ଷାନୁଷ୍ଠାନରେ ଆଡ଼ମିଶନ ପାଇଁ ଚଏସ୍ ଲକିଙ୍ଗ କରିପାରିବେ । ଅଗଷ୍ଟ ୧୧ ତାରିଖ ଅପରାହ୍ନ ୨.୦୦ ଘଟିକାରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ । ପ୍ରଥମ ମେଧା ତାଲିକାରେ ଚୟନିତ ହୋଇଥିବା ଛାତ୍ରଛାତ୍ରୀମାନେ ୧୧ ଅଗଷ୍ଟ ଅପରାହ୍ନ ୪.୦୦ ଘଟିକା ଠାରୁ ୧୪ ଅଗଷ୍ଟ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟଲକୁ ଯାଇ ଫ୍ରିଜ୍/ସ୍ଲାଇଡ୍ ବିକଳ୍ପ ବାଛିପାରିବେ । ଅଗଷ୍ଟ ୨୦ ତାରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ ହେବ । ଏଥିସହ ଅଗଷ୍ଟ ୨୫ ତାରିଖରୁ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ବି.ଏଡ୍, ବି.ଏଚ.ଏଡ୍, ଏମ୍. ଏଡ୍ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।








# ଲୋକସଭାରେ ସାର୍ବଜନିକ ପରୀକ୍ଷା ସଂଶୋଧନ ବିଧେୟକ-୨୦୨୬ ଉପସ୍ଥାପିତ



ନୂଆଦିଲ୍ଲୀ : ବିରୋଧୀ ଦଳର ସାଂସଦମାନଙ୍କ ହଙ୍ଗାମା ଏବଂ ସ୍ଲୋଗାନବାଜି ମଧ୍ୟରେ କେନ୍ଦ୍ର ସରକାର ସୋମବାର ଲୋକସଭାରେ 'ସାର୍ବଜନିକ ପରୀକ୍ଷା (ଅନୁଚିତ ଉପାୟର ନିରୋଧ) ସଂଶୋଧନ ବିଧେୟକ, ୨୦୨୬' ଉପସ୍ଥାପନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଡ଼ଃ ଜିତେନ୍ଦ୍ର ସିଂହ ସଦନରେ ବିଧେୟକ ଉପସ୍ଥାପନ କରିଥିଲେ । ବିରୋଧୀଙ୍କ ଲଗାତାର ବିରୋଧ ଏବଂ ହୋହଲ୍ଲା କାରଣରୁ ଲୋକସଭା ବାଚସ୍ପତି ଓମ ବିର୍ଲା ସଦନର କାର୍ଯ୍ୟବିଧିକୁ ଅପରାହ୍ନ ଦୁଇଟା ପର୍ଯ୍ୟନ୍ତ ସ୍ଥଗିତ କରିଦେଇଥିଲେ । ରାଜ୍ୟସଭାର କାର୍ଯ୍ୟବିଧି ମଧ୍ୟ ସେହି ସମୟ ପର୍ଯ୍ୟନ୍ତ ସ୍ଥଗିତ ରହିଥିଲା । ସକାଳ ୧୧ଟାରେ ଉଭୟ ସଦନର କାର୍ଯ୍ୟବିଧି ଆରମ୍ଭ ହେବାମାତ୍ରେ ବିରୋଧୀ ସାଂସଦମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ସ୍ଲୋଗାନବାଜି ଆରମ୍ଭ କରିଥିଲେ । ଲଗାତାର ହଙ୍ଗାମା କାରଣରୁ ପ୍ରଥମେ ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟବିଧିକୁ ୧୨ଟା ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା । ଦ୍ୱିପ୍ରହର୧୨ଟାରେ କାର୍ଯ୍ୟବିଧି ପୁଣି ଆରମ୍ଭ ହେବା ପରେ ମଧ୍ୟ ଅଚଳାବସ୍ଥା ଜାରି ରହିଥିଲା, ଯାହା ପରେ ଉଭୟ ସଦନର କାର୍ଯ୍ୟବିଧିକୁ ଅପରାହ୍ନ ଦୁଇଟା ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା । ୨୦୨୪ ମସିହାରେ ପ୍ରଣୀତ ଆଇନରେ ସଂଶୋଧନ ପାଇଁ ସରକାର ଏହି ବିଧେୟକ ଉପସ୍ଥାପନ କରିଛନ୍ତି । ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ପ୍ରଶ୍ନପତ୍ର ଲିକ୍ ଅଭିଯୁକ୍ତମାନଙ୍କ ପାଇଁ ଅଧିକ କଠୋର ଦଣ୍ଡ ଏବଂ ଭାରୀ ଜରିମାନାର ବ୍ୟବସ୍ଥା କରାଯାଇଛି । ଏହା ସହ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଂଚଳମାନଙ୍କୁ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ଅଦାଲତ ଗଠନ କରିବାର ଅଧିକାର ଦେବାକୁ ପ୍ରସ୍ତାବ ରହିଛି, ଯେଉଁଠାରେ ଏଭଳି ମାମଲାର ପ୍ରତିଦିନ ଶୁଣାଣି ହେବ । ଏହି ଆଇନ କେନ୍ଦ୍ର ସରକାର ଏବଂ ତାହାର ଏଜେନ୍ସିମାନଙ୍କ ଦ୍ୱାରା ଆୟୋଜିତ ସାର୍ବଜନିକ ପରୀକ୍ଷା ଉପରେ ପ୍ରଯୁଜ୍ୟ ହେବ । ଏହାର ପରିସରରେ ସଂଘ ଲୋକ ସେବା ଆୟୋଗ (ୟୁପିଏସସି), କର୍ମଚାରୀ ଚୟନ ଆୟୋଗ (ଏସଏସସି), ରେଳ ନିଯୁକ୍ତି, ବ୍ୟାଙ୍କିଙ୍ଗ ନିଯୁକ୍ତି ପରୀକ୍ଷା, ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ) ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ନିଯୁକ୍ତି ଏବଂ ପ୍ରବେଶିକା ପରୀକ୍ଷା ସାମିଲ ହେବ ।

# ନିରାପଦ ଟ୍ରେନ ପରିଚାଳନାରେ ଉଲ୍ଲେଖନୀୟ ସତର୍କତା ପାଇଁ ପୂର୍ବତଟ ରେଳପଥର ଟେକ୍ନିସିଆନ ସମ୍ବର୍ଦ୍ଧିତ



ସୁରକ୍ଷିତ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ଉଲ୍ଲେଖନୀୟ ସତର୍କତା ଏବଂ ବୃତିଗତ ପ୍ରତିବଦ୍ଧତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାୟଗଡ଼ା ରେଳମଣ୍ଡଳ ଅନ୍ତର୍ଗତ ଟେକ୍ନିସିଆନ୍ ଗ୍ରେଡ୍-୧ (କ୍ୟାରେଜ୍ ଆଣ୍ଡ ୱାଗନ୍) ଶ୍ରୀ କେ. ନରେନ୍ଦ୍ରଙ୍କୁ 'ସୁରକ୍ଷା ପୁରସ୍କାର' ପ୍ରଦାନ କରି ସମ୍ମାନିତ କରାଯାଇଛି । ୨୯ ଜୁନ୍ ୨୦୨୬ରେ ରାୟଗଡ଼ାଠାରେ ଏକ ମାଲବୋଝେଇ ଟ୍ରେନର ନିୟମିତ ଯାଂଚ କରୁଥିବା ସମୟରେ ଶ୍ରୀ ନରେନ୍ଦ୍ର ଏହାର ଗୋଟିଏ ୱାଗନରେ ୟୋକ୍ (ଜକ୍ସଲର) ଭାଙ୍ଗିଯାଇଥିବା ଏବଂ ବ୍ୟାକ ଷ୍ଟପ ?ର ୱେଲ୍ଡିଂ (back stopper welding) କ୍ଷତିଗ୍ରସ୍ତ ହୋଇଥିବା ଚିହ୍ନଟ କରିଥିଲେ । ଏହି ତ୍ରୁଟି ଟ୍ରେନର ନିରାପଦ ଚଳାଚଳକୁ ପ୍ରଭାବିତ କରିପାରେ ବୋଲି ଅନୁଭବ କରି ସେ ତୁରନ୍ତ ତ୍ରୁଟିପୂର୍ଣ୍ଣ ୱାଗନଟିକୁ ବଦଳାଇବା ପାଇଁ ଟ୍ରେନ୍‌ରୁ ଅଲଗା କରିବାର ବ୍ୟବସ୍ଥା କରିଥିଲେ । ତାଙ୍କର ଏହି ସମୟୋଚିତ ପଦକ୍ଷେପ ଏକ ସମ୍ଭାବ୍ୟ ସୁରକ୍ଷା ବିପଦକୁ ଏଡ଼ାଇବା ସହ ଟ୍ରେନର ନିରାପଦ ଚଳାଚଳ ସୁନିଶ୍ଚିତ କରିଥିଲା । ପୂର୍ବତଟ ରେଳପଥ ଶ୍ରୀ ନରେନ୍ଦ୍ରଙ୍କ କର୍ତବ୍ୟନିଷ୍ଠା ଓ ସତର୍କତାକୁ ଉଚ୍ଚ ପ୍ରଶଂସା କରିଛି । ତାଙ୍କର ଏହି କାର୍ଯ୍ୟ ପୂର୍ବତଟ ରେଳପଥର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ନିରାପଦ, ସୁରକ୍ଷିତ ଓ ବିଶ୍ୱସନୀୟ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ଦିଗରେ ରେଳ କର୍ମଚାରୀମାନଙ୍କ ପ୍ରତିବଦ୍ଧତାର ଏକ ପ୍ରଶଂସନୀୟ ଉଦାହରଣ ।

# ଗତ ୫ ବର୍ଷରେ ଓଡ଼ିଶାର ୯୬୬୦ କଳାକାରଙ୍କୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ୭୫.୪୩ କୋଟି ଟଙ୍କାର ସହାୟତା




ଭୁବନେଶ୍ୱର : କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ 'କଳା ସଂସ୍କୃତି ବିକାଶ ଯୋଜନା (କେଏସଭିୱାଇ)' ଅଧୀନରେ ଲୋକକଳା, ଲୋକସଙ୍ଗୀତ, ଲୋକନୃତ୍ୟ, ପାରମ୍ପରିକ ନାଟ୍ୟକଳା ସମେତ ବିଭିନ୍ନ କଳାର ପ୍ରୋତ୍ସାହନ ପାଇଁ ଯୋଗ୍ୟ କଳାକାର ଏବଂ ସାଂସ୍କୃତିକ ସଂଗଠନମାନଙ୍କୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରୁଛି । ଏହି ଯୋଜନା କେନ୍ଦ୍ରୀୟ କ୍ଷେତ୍ର ଯୋଜନା ହୋଇଥିବାରୁ ଜିଲ୍ଲାଭିତିକ ତଥ୍ୟ ସଂରକ୍ଷିତ କରାଯାଏ ନାହିଁ । ତେବେ, ଗତ ପାଂଚ ବର୍ଷ ମଧ୍ୟରେ ଏହି ଯୋଜନା ଅନୁସାରେ ମୋଟ ୯୬୬୦ ଜଣ କଳାକାର ଓ କଳା ସଂଗଠନକୁ ୭୫ କୋଟି ୪୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହା ମଧ୍ୟରୁ ୨୦୨୧-୨୨ରେ ୧୧୮୮ ଜଣଙ୍କୁ ୮ କୋଟି ୧୦ ଲକ୍ଷ ଟଙ୍କା, ୨୦୨୨-୨୩ରେ ୧୩୧୬ ଜଣଙ୍କୁ ୧୦ କୋଟି ୩୪ ଲକ୍ଷ ୯୫ ହଜାର ଟଙ୍କା, ୨୦୨୨-୨୩ରେ ୧୩୧୬ ଜଣଙ୍କୁ ୧୦ କୋଟି ୩୪ ଲକ୍ଷ ୯୫ ହଜାର ଟଙ୍କା, ୨୦୨୪-୨୫ରେ ୨୪୦୧ ଜଣଙ୍କୁ ୨୧ କୋଟି ୩୦ ଲକ୍ଷ ୫ ହଜାର ଟଙ୍କା ଓ ୨୦୨୫-୨୬ରେ ୨୮୨୨ ଜଣଙ୍କୁ ୩୩ କୋଟି ୬୮ ଲକ୍ଷ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି । ତେବେ କେଏସଭିୱାଇ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ହୋଇଥିବାରୁ ଏହାର ଜିଲ୍ଲାୱାରୀ ତଥ୍ୟ ରଖାଯାଇ ନାହିଁ । ଲୋକସଭାରେ ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଏକ ପ୍ରଶ୍ନର ଉତରରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ସୂଚନା ଦେଇଛନ୍ତି । ତେବେ ସେ ସୂଚନା ଦେଇଛନ୍ତି ଯେ ବର୍ତମାନ ଜାତୀୟ ସ୍ତରରେ ସମ୍ବଲପୁରୀ ଏବଂ ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ଲୋକ ପରମ୍ପରାର ପ୍ରସାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ବର୍ତମାନ କୌଣସି ପ୍ରସ୍ତାବ ନାହିଁ । ସାଂସଦ ସିଂହଦେଓଙ୍କ ଅନ୍ୟ ଏକ ପ୍ରଶ୍ନର ଉତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ କେଏସଭିୱାଇ କଳା ଏବଂ ସଂସ୍କୃତିର ପ୍ରସାର ପାଇଁ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ହୋଇଥିବାରୁ, ଏହାର କୌଣସି ଜିଲ୍ଲା/ଅଂଚଳ ଭିତିକ ତଥ୍ୟ ଉପଲବ୍ଧ ନାହିଁ । ତଥାପି, ସଂସ୍କୃତି ମନ୍ତ୍ରଣାଳୟ ଗ୍ରାମୀଣ ଏବଂ ଅବହେଳିତ ଗୋଷ୍ଠୀ ସମେତ ସମସ୍ତଙ୍କ ପାଖରେ ଏହାର ଯୋଜନାଗୁଡ଼ିକର ପହଂଚି ବୃଦ୍ଧି କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛନ୍ତି । ଏହି ସମ୍ବନ୍ଧରେ, ଯୋଜନାର ଦିଗଦର୍ଶନ ଏବଂ ଆବେଦନ ଫର୍ମଗୁଡ଼ିକ ମନ୍ତ୍ରଣାଳୟର ସରକାରୀ ୱେବସାଇଟ୍ରେ ଉପଲବ୍ଧ କରାଯାଇଛି । ଏହା ବ୍ୟତୀତ, ସମ୍ବାଦପତ୍ର, ମନ୍ତ୍ରଣାଳୟର ସରକାରୀ ୱେବସାଇଟ୍, ଏବଂ ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମ ସହିତ ସମ୍ପୃକ୍ତ ନୋଡାଲ ଏଜେନ୍ସିଗୁଡ଼ିକ ମାଧ୍ୟମରେ ବିଜ୍ଞାପନ ଦେଇ ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି ।

# କୋଇଲା ବୋଝେଇ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



ଭୁବନେଶ୍ୱର: ସୋମବାର ଦିନ ପୂର୍ବତଟ ରେଳପଥର ସମ୍ବଲପୁର ଡିଭିଜନ ଅନ୍ତର୍ଗତ ସିକିର ଏବଂ ଟିଟଲାଗଡ଼ ଷ୍ଟେସନ ମଧ୍ୟରେ କୋଇଲା ବୋଝେଇ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି । ଏହି ଘଟଣାରେ କୌଣସି ମୃତାହତ କିମ୍ବା ଆହତ ହେବାର କୌଣସି ସୂଚନା ମିଳିନଥିବା ରଉକ୍କଳ ସ୍ପଷ୍ଟ କରିଛି । ଘଟଣାଟି ସକାଳ ପ୍ରାୟ ୧୧.୨୩ ସମୟରେ ଘଟିଥିଲା । ଲୋକୋମୋଟିଭ୍ ରୁ ୧୪ତମ ଲୋଡ୍ ୱାଗନର ପଛ ଟ୍ରଲି ଚକ ଲାଇନଚ୍ୟୁତ ହୋଇଥିଲା । ଲାଇନଚ୍ୟୁତ ହେବା ପରେ ତୁରନ୍ତ ବରିଷ୍ଠ ରେଳ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇଥିଲେ । ପରେ କଂଟାବାଞ୍ଜିରୁ ଦୁର୍ଘଟଣା ସହାୟତା ଟ୍ରେନ ଘଟଣାସ୍ଥଳକୁ ଯାଇଥିଲା ଏବଂ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି । ଘଟଣା ପରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇନାହିଁ । ଯଥାଶୀଘ୍ର ସ୍ୱାଭାବିକ ଟ୍ରେନ୍ ପରିଚାଳନାକୁ ପୁନଃସ୍ଥାପିତ କରିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି ।

# ଗଭୀର ଅବପାତ ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର : ଉତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ । ଲୋକସେବା ଭବନସ୍ଥିତ ରାଜସ୍ୱ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସେ ଜିଲ୍ଲାଭିତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ଚବିଶ ଘଂଟିଆ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ, ଜନସାଧାରଣଙ୍କ ଜୀବନର ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା । ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରନ୍ଧା ଖାଦ୍ୟ, ଶୁଖିଲା ରାସନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ରିଲିଫ ସାମଗ୍ରୀର ଯଥେଷ୍ଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସମସ୍ତ ଜରୁରୀକାଳୀନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି



ଯେକୌଣସି ପରିସ୍ଥିତିର ତ୍ୱରିତ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କର ଜିଲ୍ଲାପାଳ ତଥା ବରିଷ୍ଠ ପଦାଧିକାରୀବୃନ୍ଦ ଭିଡିଓ କନଫରେନ୍ସି ମାଧ୍ୟମରେ ବୈଠକରେ ଯୋଗଦେଇ ନିଜ ନିଜ ଅଂଚଳର ପ୍ରସ୍ତୁତି ଓ ବର୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରି ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳରେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଗଭୀର ଅବପାତ ଉତର-ଉତରପଶ୍ଚିମ ଦିଗକୁ ଗତି କରି ଜୁଲାଇ ୨୭ ତାରିଖ ଅପରାହ୍ନରେ ଓଡ଼ିଶାର ବାଲେଶ୍ୱର ଓ ପଶ୍ଚିମବଙ୍ଗର କ୍ୟାନିଂ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ଆସନ୍ତା ୪ ଦିନ ଯାଏଁ ରାଜ୍ୟରେ ବର୍ଷା ଜାରି ରହିବ




ଭୁବନେଶ୍ୱର : ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଗଭୀର ଅବପାତର ରୂପ ନେଇଛି ଏବଂ ଏହା ପଶ୍ଚିମବଙ୍ଗ ଓ ଓଡ଼ିଶା ମୁହାଁ ହୋଇଛି । ଏହାର ପ୍ରଭାବରେ ସାରା ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି, ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆସନ୍ତା ୪ ଦିନ ଯାଏଁ ରାଜ୍ୟରେ ବର୍ଷା ଜାରି ରହିବ । ଭୀଷଣ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ 'ରେଡ୍ ୱାର୍ଣ୍ଣିଂ' ଜାରି କରାଯାଇଥିବାବେଳେ ୧୯ଟି ଜିଲ୍ଲାକୁ 'ଅରେଞ୍ଜ୍ ଆଲର୍ଟ' ଏବଂ ୮ଟି ଜିଲ୍ଲାକୁ 'ୟୋଲୋ ୱାର୍ଣ୍ଣିଂ' ଦିଆଯାଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ମହାନଦୀ ସମେତ ସାଳନ୍ଦୀ, ଦେବୀ ଆଦି ଶାଖାନଦୀଗୁଡ଼ିକର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ମହାନଦୀର ବନ୍ୟାଜଳ ଆସି କଟକ ବଡ଼ମ୍ବାସ୍ଥିତ ପ୍ରସିଦ୍ଧ ଭଟ୍ଟାରିକା ମନ୍ଦିରକୁ ଛୁଇଁଥିବାରୁ ମା'ଙ୍କୁ ରୋଷଘରକୁ ସ୍ଥାନାନ୍ତର କରାଯାଉଛି । ସେହିପରି ହଦଗଡ଼ ଡ୍ୟାମ୍‌ରୁ ଜଳ ନିଷ୍କାସନ ହେବା ଫଳରେ ଭଦ୍ରକର ତଳିଆ ଅଂଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଲଞ୍ଜାତରା ଠାରେ ୬୦ ଫୁଟର ଘାଇ ସୃଷ୍ଟି ହୋଇ ବିଲଣା, ବାରୋ ଓ କୁବେରା ଆଦି ପଂଚାୟତର ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇଯାଇଛି । ଅଗୁଗୁଲୁ ଟିକରପଡ଼ା-ମଝିପଡ଼ା ରାସ୍ତାରେ ୫ ଫୁଟର ପାଣି ଚାଲୁଥିବାରୁ ୪ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି ।

# ଆତ୍ମନିର୍ଭର ପଂଚାୟତ କାର୍ଯ୍ୟକ୍ରମ ଏବଂ ସମର୍ଥ ପଂଚାୟତ ପୋର୍ଟାଲର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ : ପଂଚାୟତିରାଜ ଏବଂ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ନୂଆଦିଲ୍ଲୀର କୃଷି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ଆତ୍ମନିର୍ଭର ପଂଚାୟତ କାର୍ଯ୍ୟକ୍ରମ' ଏବଂ 'ସମର୍ଥ ପଂଚାୟତ ପୋର୍ଟାଲ'ର ଶୁଭାରମ୍ଭ କରିଛନ୍ତି । ଏହା ସହିତ ପଂଚାୟତିରାଜ ପ୍ରତିଷ୍ଠାନ ପାଇଁ 'ମଡେଲ ଓଏସଆର (ନିଜସ୍ୱ ରାଜସ୍ୱ ଉତ୍ସ) ନିୟମ' ଉନ୍ମୋଚନ କରିଥିଲେ । ଏହି ଅବସରରେ, 'ପଂଚାୟତ ଉନ୍ନତି ସୂଚକାଙ୍କ (ପିଏଆଇ)- ବିକଶିତ ଭାରତ ପାଇଁ ତଥ୍ୟ-ଚାଳିତ ପ୍ରଶାସନ' ଲାଗି ଇ -ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଜାତୀୟ ପୁରସ୍କାର (ଏନଏଇଜି) ୨୦୨୬ ଅନ୍ତର୍ଗତ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସ୍ୱର୍ଣ୍ଣ ପୁରସ୍କାର ପାଇଁ ଟ୍ରଫି ଏବଂ ପ୍ରମାଣପତ୍ର ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ପଂଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ ; ପଂଚାୟତିରାଜ ମନ୍ତ୍ରଣାଳୟର ସଚିବ ଶ୍ରୀ ବିବେକ ଭରଦ୍ୱାଜ ଏବଂ ମନ୍ତ୍ରଣାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ସିଂହ କହିଥିଲେ ଯେ ଆତ୍ମନିର୍ଭର ପଂଚାୟତ କାର୍ଯ୍ୟକ୍ରମ, ସମର୍ଥ ପଂଚାୟତ ପୋର୍ଟାଲ ଏବଂ ମଡେଲ ଓଏସଆର୍ ନିୟମ 'ବିକଶିତ ଭାରତ ୨୦୪୭'ର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଆର୍ଥିକ ଦୃଷ୍ଟିରୁ ସଶକ୍ତ, ପ୍ରଯୁକ୍ତି ବିଦ୍ୟା ଦୃଷ୍ଟିରୁ ସକ୍ଷମ ଏବଂ ସ୍ୱାବଲମ୍ବୀ ପଂଚାୟତ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ୭୧ ସରକାରୀ ହାଇସ୍କୁଲରେ ଖୋଲିବ ଯୁକ୍ତ ଦୁଇ ପାଠ୍ୟକ୍ରମ



ଭୁବନେଶ୍ୱର: ଓଡ଼ିଶାରେ ଯୁକ୍ତ ଦୁଇ ଶିକ୍ଷାର ସୁବିଧାକୁ ଗ୍ରାମାଂଚଳ ପର୍ଯ୍ୟନ୍ତ ପହଂଚାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ବଡ଼ ନିଷ୍ପତି ନେଇଛନ୍ତି । ସମଗ୍ର ଶିକ୍ଷା ଯୋଜନା ଅଧୀନରେ ରାଜ୍ୟର ୭୧ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରି ଉଚ୍ଚ ମାଧ୍ୟମିକ (ଯୁକ୍ତ ଦୁଇ) ବିଦ୍ୟାଳୟରେ ପରିଣତ କରିବା ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ପ୍ରକଳ୍ପ ଅନୁମୋଦନ ବୋର୍ଡ ମଞ୍ଜୁରି ଦେଇଛି । ଏଥିପାଇଁ ୧୪୦ କୋଟି ୭୩ ଲକ୍ଷ ୮୦ ହଜାର ଟଙ୍କାର ବ୍ୟୟ ମଧ୍ୟ ଅନୁମୋଦନ କରାଯାଇଛି । ଏନେଇ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖି କେନ୍ଦ୍ର ସରକାରଙ୍କ ଅନୁମୋଦନ ସମ୍ପର୍କରେ ଅବଗତ କରାଇଛନ୍ତି । ସମଗ୍ର ଶିକ୍ଷାର ବାର୍ଷିକ କାର୍ଯ୍ୟଯୋଜନା ଓ ବଜେଟ୍ ୨୦୨୬-୨୭ ଅନୁଯାୟୀ ଜିଲ୍ଲାପାଳ ତଥା ସମଗ୍ର ଶିକ୍ଷାର ଜିଲ୍ଲା ଅଧକ୍ଷଙ୍କ ସୁପାରିସ ଆଧାରରେ ଏହି ବିଦ୍ୟାଳୟଗୁଡ଼ିକୁ ଉନ୍ନୀତ କରିବା ପ୍ରସ୍ତାବକୁ ପିଏବି ଚୂଡ଼ାନ୍ତ ମଞ୍ଜୁରି ଦେଇଛି । ପିଏବିର ଅନୁମୋଦନ ଅନୁଯାୟୀ, ୭୧ଟି ବିଦ୍ୟାଳୟ ମଧ୍ୟରୁ ୬୦ଟିରେ କଳା ବିଭାଗ ଏବଂ ୧୧ଟିରେ ବିଜ୍ଞାନ ବିଭାଗ ଖୋଲାଯିବ । କଳା ବିଭାଗ ପାଇଁ ପ୍ରତି ବିଦ୍ୟାଳୟରେ ୧.୮୬ କୋଟି ଟଙ୍କା ଏବଂ ବିଜ୍ଞାନ ବିଭାଗ ପାଇଁ ୨.୬୨ କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଇଛି । ଏହି ଅର୍ଥରେ ନୂଆ ଶ୍ରେଣୀଗୃହ, ପରୀକ୍ଷାଗାର, ଶିକ୍ଷାଦାନ ଭିତିଭୂମି ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୃଷ୍ଟି କରାଯିବ । ଜିଲ୍ଲାଭିତିକ ତାଲିକାକୁ ଦେଖିଲେ ଗଞ୍ଜାମ ଜିଲ୍ଲାର ସର୍ବାଧିକ ୧୨ଟି ବିଦ୍ୟାଳୟ ଉନ୍ନୀତ ହେବାକୁ ଯାଉଛି । ଏହା ପରେ ମାଲକାନଗିରିର ୬ଟି, ନବରଙ୍ଗପୁରର ୫ଟି, ବାଲେଶ୍ୱର ଓ ବଲାଙ୍ଗୀରର ୫ଟି ଲେଖାଏଁ ବିଦ୍ୟାଳୟ ଏହି ତାଲିକାରେ ସ୍ଥାନ ପାଇଛି । ଏହାବ୍ୟତୀତ ଅନୁଗୁଳ, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କଳାହାଣ୍ଡି, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସୋନପୁର, ସୁନ୍ଦରଗଡ଼ ସମେତ ରାଜ୍ୟର ୨୦ଟି ଜିଲ୍ଲାର ବିଦ୍ୟାଳୟ ଏହି ଯୋଜନାର ସୁବିଧା ପାଇବେ । ପିଏବିର କାର୍ଯ୍ୟବିବରଣୀରେ ଉଲ୍ଲେଖ ରହିଛି ଯେ, ପ୍ରଥମେ ରାଜ୍ୟ ସରକାର ୭୫ଟି ବିଦ୍ୟାଳୟର ପ୍ରସ୍ତାବ ଦେଇଥିଲେ ।

# ଭାରୋତୋଳନରେ ରୌପ୍ୟ ଜିତିଲେ ମୁଥୁପାଣ୍ଡି



ଗ୍ଲାସ୍‌ଗୋ :ରାଜ୍ୟଗୋଷ୍ଠୀ ପୁରୁଷ ୬୫ କିଲୋଗ୍ରାମ ଭାରୋତୋଳନରେ ଭାରତର ରାଜା ମୁଥୁପାଣ୍ଡି ରୌପ୍ୟ ପଦକ ଜିତିଛନ୍ତି । ସେ ସ୍ନାଚ୍‌ରେ ୧୨୬ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୦ କିଲୋଗ୍ରାମ୍ ଓଜନ ଉଠାଇ ମୋଟ ୨୮୬ କିଲୋଗ୍ରାମ୍ ସହ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ମାଲେସିଆର ମୁହମ୍ମଦ ଆଜନିଲ୍ ବିନ୍ ବିଦିନ୍ ମୋଟ ୨୯୯ କିଗ୍ରା ଓଜନ ଉଠାଇ ନୂତନ ରାଜ୍ୟଗୋଷ୍ଠୀ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ, ପାପୁଆ ନ୍ୟୁ ଗିନିର ମୋରିଆ ବାରୁ ମୋଟ ୨୮୨ କିଗ୍ରା ଓଜନ ଉଠାଇ କାଂସ୍ୟ ପଦକ ହାସଲ କରିଛନ୍ତି । ଏହାସହ ଭାରତ ଭାରୋତୋଳନର ତିନୋଟିଯାକ ଇଭେଂଟରେ ଅତିକମରେ ଗୋଟିଏ ଲେଖାଏଁ ପଦକ ନିଶ୍ଚିତ କରିଛି ଏବଂ ପାରାଶକ୍ତିଉତୋଳନକୁ ମିଶାଇ ଏଥିରେ ଭାରତର ମୋଟ ପଦକସଂଖ୍ୟା ୪ରେ ପହଂଚିଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**